**JMC-8**
**BLOCK-3**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
## ସମ୍ବଲପୁର, ଓଡ଼ିଶା

## Odisha State Open University
### Sambalpur, Odisha

# ସାମ୍ବାଦିକତା ଓ ଗଣ ଯୋଗାଯୋଗ

# ଯୋଗାଯୋଗ ଗବେଷଣା

## ଗବେଷଣା ଉପକରଣ ଓ ତଥ୍ୟ ବିଶ୍ଳେଷଣ



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

**JMC-08**

ବ୍ଲକ୍-୦୩

## ଗବେଷଣା ଉପକରଣ ଏବଂ ତଥ୍ୟ ବିଶ୍ଳେଷଣ


ୟୁନିଟ୍ -୧ ତଥ୍ୟ ଏବଂ ଏହାର ପ୍ରକାର

ୟୁନିଟ୍ -୨ ଜନଗଣନା ଏବଂ ନମୁନା ସଂଗ୍ରହ

ୟୁନିଟ୍ -୩ ତଥ୍ୟ ମୂଲ୍ୟାଙ୍କନ କୌଶଳ

ୟୁନିଟ୍ -୪ ପରିମାପର ସ୍ତର

## ବିଶେଷଜ୍ଞ କମିଟି

**ଡଃ ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ **-ଅଧ୍ୟକ୍ଷ**

**ଡଃ ଆଶିଷ କୁମାର ଦ୍ୱିବେଦୀ**, ଆସିଷ୍ଟାଣ୍ଟ ପ୍ରଫେସର ( କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ**,ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି**, ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡଃ ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର**, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

| ମୂଳ ଇଂରାଜୀ | ଅନୁବାଦ | ସମ୍ପାଦନା |
|---|---|---|
| **ଶ୍ରୀ ସୁଜିତ କୁମାର ମହାନ୍ତି** | **ବଳରାମ ମହାପାତ୍ର** | **ସଂବିତ ମିଶ୍ର** |
| ଆସିଷ୍ଟାଣ୍ଟ ପ୍ରଫେସର | କପି ସମ୍ପାଦକ, | ଶୈକ୍ଷିକ ପରାମର୍ଶଦାତା, |
| ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ | ସଙ୍କେତ କମ୍ୟୁନିକେସନ୍, | ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ |

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର



OSOU, 2021. *Research Tools and  Data Analysis* is made available under a Creative Commons Attribution-Share Alike 4.0 http://creativecommons.org/licences/by-sa/4.0



Printed by :

# ଯୁନିଟ– ୧: ତଥ୍ୟ ଏବଂ ଏହାର ପ୍ରକାର


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ପ୍ରାଥମିକ ତଥ୍ୟ କ'ଣ

୧.୨.୧: ପ୍ରାଥମିକ ତଥ୍ୟର ସୁବିଧା ଓ ଅସୁବିଧା

୧.୨.୨: ପ୍ରାଥମିକ ତଥ୍ୟର ସଂଗ୍ରହଣ

କ: ପର୍ଯ୍ୟବେକ୍ଷଣ ପଦ୍ଧତି

ଖ: ସାକ୍ଷାତକାର ପଦ୍ଧତି

ଗ: ପ୍ରଶ୍ନପତ୍ର ପଦ୍ଧତି

ଘ: ଅନୁସୂଚୀ

୧.୩: ତଥ୍ୟ ସଂଗ୍ରହର କେତେକ ଅନ୍ୟ ପଦ୍ଧତି

୧.୪: ମାଧ୍ୟମିକ ତଥ୍ୟ

୧.୪.୧: ମାଧ୍ୟମିକ ତଥ୍ୟର ସୁବିଧା ଓ ଅସୁବିଧା

୧.୫: ଆସ ପ୍ରଗତି ମାପିବା


## ୧.୧: ପଠନର ଉଦ୍ଦେଶ୍ୟ

- ଏହି ପାଠ ଅଧ୍ୟୟନ ପରେ ଆପଣ ସକ୍ଷମ ହେବେ:
- ପ୍ରାଥମିକ ଏବଂ ମାଧ୍ୟମିକ ତଥ୍ୟର ଅବଧାରଣା ବୁଝିପାରିବେ
- ପ୍ରାଥମିକ ଏବଂ ମାଧ୍ୟମିକ ତଥ୍ୟର ବିଭିନ୍ନ ସୁବିଧା ଓ ଅସୁବିଧା ବୁଝିପାରିବେ
- ଅନ୍ୟ କେତେକ ତଥ୍ୟ ସଂଗ୍ରହ ପଦ୍ଧତି ଚିହ୍ନିପାରିବେ

ଉପଯୁକ୍ତ ତଥ୍ୟ ସଂଗ୍ରହ ବିନା କୌଣସି ଭଲ ଅନୁସନ୍ଧାନ ଅସମ୍ପୂର୍ଣ୍ଣ। ତେଣୁ, ଗବେଷଣା ସମସ୍ୟା ନିର୍ଦ୍ଧାରଣ ଏବଂ ଗବେଷଣା ରୂପରେଖା/ଯୋଜନାବଦ୍ଧ ହେବା ପରେ ତଥ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଥାଏ। ତଥ୍ୟ ସଂଗ୍ରହର ଦୁଇଟି ପଦ୍ଧତି ରହିଛି ଯଥା ପ୍ରାଥମିକ ଏବଂ ମାଧ୍ୟମିକ।

## ୧.୨: ପ୍ରାଥମିକ ତଥ୍ୟ କ'ଣ

ପ୍ରାଥମିକ ତଥ୍ୟ ହେଉଛି ଏକ ନିର୍ଦ୍ଦିଷ୍ଟ ଅନୁସନ୍ଧାନ କାର୍ଯ୍ୟ ପାଇଁ ଅନୁସନ୍ଧାନକାରୀଙ୍କ ଦ୍ୱାରା ସଂଗୃହିତ ସୂଚନା। ଅନ୍ୟ ଅର୍ଥରେ କହିଲେ, ପ୍ରାଥମିକ ତଥ୍ୟ ହେଉଛି ସୂଚନା ଯାହାକୁ ଏକ କମ୍ପାନୀ/ଅନୁସନ୍ଧାନୀ ନିଶ୍ଚିତ ଭାବେ ଏକତ୍ର କରିବେ କାରଣ ଜନସାଧାରଣଙ୍କ ନିକଟରେ ପହଞ୍ଚିଲା ଭଳି କେହି ସୂଚନାକୁ ସଂକଳିତ ଓ ପ୍ରକାଶିତ କରି ନାହାନ୍ତି। କମ୍ପାନୀଗୁଡିକ ସାଧରଣତଃ ସମୟ ନିଅନ୍ତି ଏବଂ ପ୍ରାଥମିକ ତଥ୍ୟ ସଂଗ୍ରହ ପାଇଁ ଆବଶ୍ୟକ ଉତ୍ସଗୁଡିକ ବଣ୍ଟନ କରନ୍ତି ଯେତେବେଳେ ଗୋଟିଏ ପ୍ରଶ୍ନ, ପ୍ରସଙ୍ଗ କିମ୍ବା ସମସ୍ୟା

নিজকু যথার্থ ଭାବେ ଗୁରୁତ୍ୱପୂର୍ଣ୍ଣ ବା ନିଆରା ଭାବେ ଉପସ୍ଥାପିତ କରିଥାନ୍ତି କି ତାହାର ପ୍ରାଥମିକ ତଥ୍ୟ ସଂଗ୍ରହ ପାଇଁ ଖର୍ଚ୍ଚ କରିବା ଆବଶ୍ୟକ ଥିବା ଜରୁରୀ ଭାବେ ଦର୍ଶାଇଥାଏ। ପ୍ରାଥମିକ ତଥ୍ୟ ପ୍ରକୃତିରେ ପ୍ରାକୃତିକ ଏବଂ ସମସ୍ୟା, ସାମ୍ପ୍ରତିକ ତଥ୍ୟ ସହିତ ସିଧାସଳଖ ଭାବରେ ଜଡିତ। ପ୍ରାଥମିକ ତଥ୍ୟ ହେଉଛି ସେହି ତଥ୍ୟ ଯାହାକୁ ଅନୁସନ୍ଧାନକର୍ତ୍ତା ବିଭିନ୍ନ ପଦ୍ଧତି ଯଥା- ସାକ୍ଷାତକାର, ସର୍ବେକ୍ଷଣ,ପ୍ରଶ୍ନପତ୍ର ଇତ୍ୟାଦି ମାଧ୍ୟମରେ ସଂଗ୍ରହ କରନ୍ତି। ପ୍ରାଥମିକ ତଥ୍ୟର ନିଜସ୍ୱ ସୁବିଧା ଏବଂ ଅସୁବିଧା ରହିଛି;

### ୧.୧.୧: ପ୍ରାଥମିକ ତଥ୍ୟର ସୁବିଧା ଓ ଅସୁବିଧା

**ପ୍ରାଥମିକ ତଥ୍ୟର ସୁବିଧା**

ପ୍ରାଥମିକ ତଥ୍ୟର କେତେକ ସୁବିଧା ନିମ୍ନରେ ପ୍ରଦତ୍ତ:

କ) ପ୍ରାଥମିକ ତଥ୍ୟଗୁଡ଼ିକ ଅସଲି ଏବଂ ଅନୁସନ୍ଧାନ ଅଧ୍ୟୟନର ବିଷୟାନୁକୂଳ, ତେଣୁ ଏହାର ଯଥାର୍ଥତା ବା ସଠିକତାର ମାତ୍ରା ବେଶ୍ ଉଚ୍ଚ।

ଖ) ପ୍ରାଥମିକ ତଥ୍ୟ ହେଉଛି ତାହା ଯାହା ଅନେକ ମାର୍ଗ ଯଥା ସାକ୍ଷାତକାର, ଟେଲିଫୋନ୍ ସର୍ବେକ୍ଷଣ, ଫୋକସ୍ ଗ୍ରୁପ୍ ଇତ୍ୟାଦିରୁ ସଂଗୃହିତ ହୋଇପାରିବ । ଏହା ମଧ୍ୟ ରାଷ୍ଟ୍ରୀୟ ସୀମା ବ୍ୟାପୀ ଇମେଲ୍ ବା ଡାକ ଜରିଆରେ ସଂଗ୍ରହ କରାଯାଇପାରିବ । ଏହା ବିଶାଳ ଜନସଂଖ୍ୟା ଓ ବିସ୍ତୃତ ଭୌଗୋଳିକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିପାରିବ।

ଗ) ଏତଦତିରିକ୍ତ, ପ୍ରାଥମିକ ତଥ୍ୟ ଚଳନ୍ତି ଏବଂ ଏହା ଅନୁସନ୍ଧାନକର୍ତ୍ତାଙ୍କୁ ବିଚରାଧୀନ ବିଷୟ ସମ୍ପର୍କରେ ଅଧିକ ବାସ୍ତବ ଚିତ୍ର ପ୍ରଦାନ କରିଥାଏ।

ଘ) ପ୍ରାଥମିକ ତଥ୍ୟର ବିଶ୍ୱସନୀୟତା ଉଚ୍ଚ ରହିଥାଏ କାରଣ ଏହା ସମ୍ପୃକ୍ତ ଏବଂ ବିଶ୍ୱସନୀୟ ପକ୍ଷ ଦ୍ୱାରା ସଂଗୃହିତ।

**ପ୍ରାଥମିକ ତଥ୍ୟର ଅସୁବିଧା**

ପ୍ରାଥମିକ ତଥ୍ୟର କେତେକ ଅସୁବିଧା ନିମ୍ନରେ ପ୍ରଦତ୍ତ:

କ)ପ୍ରାଥମିକ ତଥ୍ୟ ସଂଗ୍ରହ ପାଇଁ ସାକ୍ଷାତକାର ଅନୁଷ୍ଠିତ ହେବାକୁଥିବା ସ୍ଥଳର ପ୍ରସାରଣ ସୀମିତ ଏବଂ ବିସ୍ତୃତ ବର୍ଣ୍ଣନା ପାଇଁ ଅଧିକ ସଂଖ୍ୟକ ଅନୁସନ୍ଧାନକର୍ତ୍ତା ଆବଶ୍ୟକ।

ଖ) ତଥ୍ୟ ସଂଗ୍ରହ ପାଇଁ ପ୍ରଚୁର ସମୟ ଏବଂ ଉଦ୍ୟମ ଆବଶ୍ୟକ। ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଏବଂ ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ସମସ୍ୟାଟି ଅଧିକ ଗମ୍ଭୀର ବା ପୁରୁଣା ହୋଇଯାଇଥାଏ । ତେଣୁ ଅନୁସନ୍ଧାନର ଉଦ୍ଦେଶ୍ୟ ନିରର୍ଥକ ହୋଇପାରେ।

ଗ) ଏଥିରେ ଡିଜାଇନ୍ ସମସ୍ୟା ରହିଛି ଯେମିତିକି ସର୍ବେକ୍ଷଣର ଢାଞ୍ଚା କିପରି ହେବ। ପ୍ରଶ୍ନଗୁଡ଼ିକ ବୁଝିବା ଏବଂ ଉତ୍ତରଦେବା ପାଇଁ ସରଳ ହେବା ଉଚିତ।

ଘ) କେତେକ ଉତ୍ତରଦାତା ସମୟାନୁସାରେ ଉତ୍ତର ଦେଇନଥାନ୍ତି। ବେଳେ ବେଳେ ଉତ୍ତରଦାତା ମିଥ୍ୟା,

ସାମାଜିକ ଭାବେ ଗ୍ରହଣୀୟ ଏବଂ ମିଠା ଉତ୍ତର ଦେଇ ସତ୍ୟ ଲୁଚାଇବାକୁ ଚେଷ୍ଟା କରିଥାନ୍ତି।

ଙ) ଅଧିକ ଲୋକ, ସମୟ ଏବଂ ଉଦ୍ୟମର ସମ୍ପୃକ୍ତି ତଥ୍ୟ ସଂଗ୍ରହର ମୂଲ୍ୟ ବଢ଼ାଇଥାଏ । ଅନୁସନ୍ଧାନର ଗୁରୁତ୍ୱ ନିମ୍ନଗାମୀ ହୋଇପାରେ ।

ଚ) କେତେକ ପ୍ରାଥମିକ ତଥ୍ୟ ସଂଗ୍ରହ ପଦ୍ଧତିରେ ତଥ୍ୟ ସଂଗ୍ରହ ଉପରେ ନିୟନ୍ତ୍ରଣ ନଥାଏ । ଅସମ୍ପୂର୍ଣ୍ଣ ପ୍ରଶ୍ନାବଳୀ ସବୁବେଳେ ଅନୁସନ୍ଧାନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

ଛ) ତଥ୍ୟ ସଂଗ୍ରହ ପାଇଁ ପ୍ରଶିକ୍ଷିତ ବ୍ୟକ୍ତିମାନେ ଆବଶ୍ୟକ ହୋଇଥାନ୍ତି। ଅନଭିଜ୍ଞ ବ୍ୟକ୍ତି ତଥ୍ୟ ସଂଗ୍ରହରେ ଅନୁସନ୍ଧାନ ପାଇଁ ଅନୁପଯୁକ୍ତ ତଥ୍ୟ ଦେଇଥାଆନ୍ତି।

## ୧.୧.୨: ପ୍ରାଥମିକ ତଥ୍ୟ ସଂଗ୍ରହ

ନିମ୍ନଲିଖିତ ପଦ୍ଧତିଗୁଡ଼ିକ ଦ୍ୱାରା ପ୍ରାଥମିକ ତଥ୍ୟ ସଂଗ୍ରହ କରାଯାଇ ପାରିବ।

କ) ପର୍ଯ୍ୟବେକ୍ଷଣ ପଦ୍ଧତି

ଖ) ସାକ୍ଷାତକାର ପଦ୍ଧତି

ଗ) ପ୍ରଶ୍ନପତ୍ର

ଘ) ଅନୁସୂଚୀ

### କ. ପର୍ଯ୍ୟବେକ୍ଷଣ ପଦ୍ଧତି

ପର୍ଯ୍ୟବେକ୍ଷଣ ପଦ୍ଧତି ପ୍ରାୟତଃ ସାଧାରଣରେ ବିଶେଷତଃ ବ୍ୟାବହାରିକ ବିଜ୍ଞାନ ସମ୍ପର୍କିତ ଅଧ୍ୟୟନରେ ବ୍ୟବହୃତ ପଦ୍ଧତି। ଯେମିତି ଆମେ ଆମ ଚାରିପାଖରେ ଥିବା ବିଭିନ୍ନ ବସ୍ତୁକୁ ପର୍ଯ୍ୟବେକ୍ଷଣ କରିଥାଉ, କିନ୍ତୁ ଏହି ପର୍ଯ୍ୟବେକ୍ଷଣ ବୈଜ୍ଞାନିକ ପର୍ଯ୍ୟବେକ୍ଷଣ ନୁହେଁ । ପର୍ଯ୍ୟବେକ୍ଷଣ ଏକ ବୈଜ୍ଞାନିକ ଉପକରଣ ହୋଇଥାଏ ଏବଂ ଗବେଷକଙ୍କ ପାଇଁ ତଥ୍ୟ ସଂଗ୍ରହର ପଦ୍ଧତି ହୋଇଥାଏ ଯେବେ ଏହା ଏକ ଉଦ୍ଦେଶ୍ୟଗତ ଅନୁସନ୍ଧାନ ପାଇଁ ପ୍ରସ୍ତୁତ କରାଯାଇଥାଏ, ବ୍ୟବସ୍ଥାଗତ ଭାବେ ଯୋଜନାକୃତ, ଲିଖିତ, ଯାଞ୍ଚ ଏବଂ ବିଶ୍ୱସନୀୟତା ଓ ବୈଧତା ନିୟନ୍ତ୍ରଣ ସାପେକ୍ଷ ହୋଇଥାଏ ।

ପର୍ଯ୍ୟବେକ୍ଷଣ ପଦ୍ଧତିରେ ଗବେଷକଙ୍କୁ ଅନେକ ଭୂମିକା ନିର୍ବାହ କରିବାକୁ ପଡ଼ିଥାଏ ଏବଂ ତଥ୍ୟ ସଂଗ୍ରହ ନିମନ୍ତେ ନିଜର ପଞ୍ଚ ଇନ୍ଦ୍ରିୟକୁ ବ୍ୟବହାର ସମେତ ଅନେକ କୌଶଳ ଆପଣାଇବାକୁ ପଡ଼ିଥାଏ। ପର୍ଯ୍ୟବେକ୍ଷକ ନିଜକୁ ବାସ୍ତବ ସ୍ଥିତିରେ ରଖି ଯତ୍ନ ସହକାରେ ପରଖିଥାନ୍ତି । ନିଜ ଜ୍ଞାନ, କୌଶଳ ଏବଂ ଅନୁଭୂତି ଆଧାରରେ ସେ ଉତ୍ତରଦାତାଙ୍କୁ ଯୋଗାଯୋଗ ନକରି ତଥ୍ୟ ସଂଗ୍ରହ କରିଥାନ୍ତି । ପର୍ଯ୍ୟବେକ୍ଷଣର ପରିଣାମ ସମ୍ପୂର୍ଣ୍ଣରୂପେ ଗବେଷକଙ୍କ ପ୍ରତିଭା ଉପରେ ନିର୍ଭରଶୀଳ । ଗବେଷଣାରେ କେବଳ ବିଶେଷଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଏହି ପଦ୍ଧତି ବ୍ୟବହାର କରାଯାଇ ପାରିବ । ବ୍ୟକ୍ତିଙ୍କୁ ତାଙ୍କର ପ୍ରାକୃତିକ ବ୍ୟବସ୍ଥା ଯେଉଁଥିରେ ସେ ଦୈନନ୍ଦିନ ଜୀବନ ଜିଅନ୍ତି ସେଥିରେ ପର୍ଯ୍ୟବେକ୍ଷଣ କରିବାକୁ ଏହି ପର୍ଯ୍ୟବେକ୍ଷଣ ପଦ୍ଧତି ବିକଶିତ ହୋଇଛି।

ପର୍ଯ୍ୟବେକ୍ଷଣ ପଦ୍ଧତି ପରିମାଣଗତ ଗବେଷଣା ପଦ୍ଧତି (ବୈଧତା, ପକ୍ଷପାତିତା ଇତ୍ୟାଦି)ର ସମାଲୋଚନାରୁ ବାହାରିପାରିବ ଏବଂ ଯେତେବେଳେ ଗବେଷଣାର ବିଷୟ ସୂଚନା ଦେଇ ପାରିବ ନାହିଁ ବା କେବଳ ଭୁଲ୍ ସୂଚନା ଦେଇପାରିବ ସେତେବେଳେ ଏହି ପର୍ଯ୍ୟବେକ୍ଷଣ ପଦ୍ଧତି ବ୍ୟବହାରସାପେକ୍ଷ ହୋଇପାରିବ।

ତେବେ, ପର୍ଯ୍ୟବେକ୍ଷଣ ପଦ୍ଧତିର ବିଭିନ୍ନ ସୀମା ରହିଛି।

କ) ଏହା ଏକ ବ୍ୟୟବହୁଳ ପଦ୍ଧତି

ଖ) ଏହି ପଦ୍ଧତିରୁ ଉପଲବ୍ଧ ସୂଚନା ଅତ୍ୟନ୍ତ ସୀମିତ

ଗ) ବେଳେବେଳେ ଅଦୃଶ୍ୟ କାରକଗୁଡ଼ିକ ପର୍ଯ୍ୟବେକ୍ଷଣ କାର୍ଯ୍ୟକୁ ପ୍ରଭାବିତ କରିଥାଆନ୍ତି। ବେଳେ ବେଳେ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପାଇଁ କେତେକ ବ୍ୟକ୍ତି କ୍ୱଚିତ ପହଞ୍ଚରେ ଆସନ୍ତି ଯାହା ପ୍ରଭାବଶାଳୀ ତଥ୍ୟ ସଂଗ୍ରହରେ ଏହି ପଦ୍ଧତି ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତି।

**ଖ. ସାକ୍ଷାତକାର ପଦ୍ଧତି**

ଏହି ପଦ୍ଧତିରେ ସାକ୍ଷାତକର୍ତ୍ତା ବ୍ୟକ୍ତିଗତ ଭାବେ ସୂଚନାଦାତାଙ୍କୁ ଭେଟନ୍ତି ଏବଂ ଅନୁସନ୍ଧାନର ବିଷୟ ସମ୍ପର୍କିତ ଆବଶ୍ୟକ ପ୍ରଶ୍ନ ସେମାନଙ୍କୁ ପଚାରିଥାନ୍ତି । ପ୍ରାୟତଃ ପ୍ରଶ୍ନସମୂହ ବା ପ୍ରଶ୍ନପତ୍ର ସାଙ୍ଗରେ ନେଇଥାଆନ୍ତି ଏବଂ ତଦନୁସାରେ ପ୍ରଶ୍ନ ପଚାରିଥାନ୍ତି । ସାକ୍ଷାତକର୍ତ୍ତା ଦକ୍ଷତାର ସହ ତଥ୍ୟ ସୂଚନାଦାତାଙ୍କଠାରୁ ପ୍ରଶ୍ନୋତ୍ତରରୁ ଲବ୍ଧ ଅତିରିକ୍ତ ପ୍ରଶ୍ନ ପଚାରି (କ୍ରସ୍ ଏକ୍‌ଜାମିନ୍ କରି)ସଂଗ୍ରହ କରିଥାନ୍ତି। ସାକ୍ଷାତକର୍ତ୍ତା ଅତ୍ୟନ୍ତ କୁଶଳୀ ହେବା ଉଚିତ ଏବଂ କୌଶଳକ୍ରମେ ଉପଯୁକ୍ତ ଏବଂ ଯଥାର୍ଥ ତଥ୍ୟ ସୂଚନାଦାତାଙ୍କଠାରୁ ଆଦାୟ କରନ୍ତି । ଅଧ୍ୟୟନର ଆବଶ୍ୟକତାନୁସାରେ ସାକ୍ଷାତକାର ଗୁଡ଼ିକ ଯଥା ବ୍ୟକ୍ତିଗତ ସାକ୍ଷାତକାର / ଗଭୀର ସାକ୍ଷାତକାର ବା ଟେଲିଫୋନ୍ ସାକ୍ଷାତକାର ଆଦି କରାଯାଇଥାଏ ।

**ସାକ୍ଷାତକାରର ସୁବିଧା**

ନିମ୍ନରେ ସାକ୍ଷାତକାର ପଦ୍ଧତିର କେତେଗୁଡ଼ିଏ ସୁବିଧା ପ୍ରଦାନ କରାଗଲା;

କ) ଏହି ପଦ୍ଧତିରେ ନିରକ୍ଷର ବ୍ୟକ୍ତିଙ୍କଠାରୁ ମଧ୍ୟ ସୂଚନା ସଂଗ୍ରହ କରାଯାଇପାରିବ।

ଖ) ସାକ୍ଷାତକର୍ତ୍ତା ବ୍ୟକ୍ତିଗତ ଭାବେ ତଥ୍ୟ ସଂଗ୍ରହ କରୁଥିବାରୁ ଉତ୍ତର ନମିଳିବାର ସୁଯୋଗ ନାହିଁ।

ଗ) ସାକ୍ଷାତକର୍ତ୍ତା କୌଶଳପୂର୍ଣ୍ଣ ଭାବେ ଉତ୍ତରଦାତାଙ୍କୁ ପୁନଃ ପରୀକ୍ଷଣ କରି ତଥ୍ୟ ସଂଗ୍ରହ କରୁଥିବାରୁ ସଂଗୃହିତ ତଥ୍ୟ ଅତ୍ୟନ୍ତ ନିର୍ଭରଯୋଗ୍ୟ।

**ସାକ୍ଷାତକାରର ଅସୁବିଧା**

ନିମ୍ନରେ ସାକ୍ଷାତକାର ପଦ୍ଧତିର କେତେଗୁଡ଼ିଏ ଅସୁବିଧା ପ୍ରଦାନ କରାଗଲା

କ) ପକ୍ଷପାତିତାର ସୁଯୋଗ ରହିଛି

ଖ) ସୂଚନାଦାତା ବ୍ୟକ୍ତିଗତ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ନପାରନ୍ତି

ଗ) ଏହା ଏକ ସମୟସାପେକ୍ଷ ପ୍ରକ୍ରିୟା

ଘ) ଅର୍ଥ ଏବଂ ମାନବଶକ୍ତିର ଆବଶ୍ୟକତା ବେଶୀ

ଙ) ବେଳେବେଳେ ସାକ୍ଷାତକର୍ତ୍ତା ସୂଚନାଦାତାଙ୍କ ଉପରେ ବ୍ୟକ୍ତିଗତ ସୂଚନା ଆବର୍ଣ୍ଣନ ପାଇଁ ଚାପ ପ୍ରୟୋଗ କରିବାରେ ସମ୍ପୃକ୍ତ ହୋଇଯାଆନ୍ତି।

## ଗ. ପ୍ରଶ୍ନପତ୍ର ପଦ୍ଧତି

ତଥ୍ୟ ସଂଗ୍ରହର ଏହି ପଦ୍ଧତି ବିଶେଷକରି ବଡ଼ ଅନୁସନ୍ଧାନ କ୍ଷେତ୍ରରେ ବେଶ୍ ଲୋକପ୍ରିୟ। ବେସରକାରୀ ବ୍ୟକ୍ତିବିଶେଷ, ଅନୁସନ୍ଧାନ କର୍ମୀ, ବେସରକାରୀ ଏବଂ ସରକାରୀ ସଂସ୍ଥାନ ଏପରିକି ସରକାରଙ୍କଦ୍ୱାରା ମଧ୍ୟ ଏହା କରାଯାଇଥାଏ ।

ପ୍ରଶ୍ନପତ୍ର ହେଉଛି ପ୍ରଶ୍ନସମୂହର କ୍ରମ ଯାହା ଦିଆଯାଇଥିବା ପ୍ରସଙ୍ଗ ଉପରେ ସାଂକ୍ଷିକ ଭାବେ ବ୍ୟବହାର୍ଯ୍ୟ ସୂଚନା ପାଇବା ପାଇଁ ବ୍ୟକ୍ତିବିଶେଷଙ୍କୁ ପଚରାଯାଇଥାଏ।

ସାଧାରଣତଃ ଛାପା ଅଥବା ବୈଦ୍ୟୁତିକ ରୂପରେ ଅନେକ ଗୁଡ଼ିଏ ପ୍ରଶ୍ନ ବ୍ୟକ୍ତିବିଶେଷଙ୍କଦ୍ୱାରା ଉତ୍ତର ଦେବାପାଇଁ ପ୍ରସ୍ତୁତ ହୋଇଥାଏ । ପ୍ରାୟତଃ ଏଥିରେ ଉତ୍ତର ଲେଖିବା ପାଇଁ ଶୂନ୍ୟସ୍ଥାନ ରହିଥାଏ । ଏହି ଫର୍ମଗୁଡ଼ିକର ସେଟ୍ ଦଳମାନଙ୍କ ମଧ୍ୟରେ ଆବଣ୍ଟିତ ହୋଇଥାଏ ଏବଂ ଅନୁସନ୍ଧାନର ପ୍ରସଙ୍ଗ ସମ୍ପର୍କିତ ଉତ୍ତରଗୁଡ଼ିକ ସଂଗ୍ରହ କରାଯାଇଥାଏ ।

ଉପଯୁକ୍ତଭାବେ ସଂଗଠିତ ଏବଂ ଦାୟିତ୍ୱବଦ୍ଧତାର ସହ ପରିଲକ୍ଷିତ ହୋଇଥିଲେ ପ୍ରଶ୍ନପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ହୋଇଥାଏ ଯାହା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଦଳ ବା ଲୋକ ଅଥବା ସମ୍ପୂର୍ଣ୍ଣ ଜନସମୁଦାୟ ସମ୍ପର୍କରେ ବିବରଣୀ ପ୍ରସ୍ତୁତ କରାଯାଇପାରିବ। ଅନୁପଯୁକ୍ତ ପ୍ରଶ୍ନାବଳୀ, ପ୍ରଶ୍ନଗୁଡ଼ିକର ଭୁଲ୍ କ୍ରମ, ଭୁଲ୍ ପରିମାପ ଅଥବା ଖରାପ ପ୍ରଶ୍ନପତ୍ର ଫର୍ମାଟ୍ ସର୍ବେକ୍ଷଣକୁ ଅର୍ଥହୀନ କରିପାରେ ଯେହେତୁ ଏହା ଠିକ୍ ଭାବେ ଅଂଶଗ୍ରହଣକାରୀଙ୍କ ଦୃଷ୍ଟିଭଙ୍ଗୀ, ମତାମତକୁ ପ୍ରତିଫଳିତ କରି ନପାରେ । ଏକ ଗବେଷଣା ବା ସର୍ବେକ୍ଷଣରେ ଉତ୍ତରଦାୟୀଙ୍କୁ ପ୍ରଶ୍ନ ପଚରାଯାଇଥାଏ ଏବଂ ତନ୍ମଧ୍ୟରୁ ନିର୍ଦ୍ଦିଷ୍ଟ ସୂଚନା ବାହାର କରିବା ପାଇଁ ଡିଜାଇନ୍ କରାଯାଇଥାଏ । ଏହା ଚାରିଟି ମୂଳ ଉଦ୍ଦେଶ୍ୟ ପାଇଁ କରାଯାଏ।

କ) ଯଥାର୍ଥ ତଥ୍ୟ ସଂଗ୍ରହ

ଖ) ତଥ୍ୟକୁ ବିଶ୍ଳେଷଣ କରିବା ପାଇଁ ତୁଳନାଶୀଳ ଏବଂ ସୁବିଧାଜନକ କରିବା

ଗ) ପ୍ରଶ୍ନ ପଚାରିବା ଏବଂ ପ୍ରସ୍ତୁତିରେ ପକ୍ଷପାତିତାକୁ ହ୍ରାସ କରିବା

ଘ) ପ୍ରଶ୍ନଗୁଡ଼ିକୁ ଜଡ଼ିତ ଏବଂ ବିବିଧ କରିବା

### ପ୍ରଶ୍ନପତ୍ର ପଦ୍ଧତିର ସୁବିଧା

ନିମ୍ନରେ ସାକ୍ଷାତକାର ପଦ୍ଧତିର କେତେଗୁଡ଼ିଏ ସୁବିଧା ପ୍ରଦାନ କରାଗଲା

କ) ଜଗତ ବିଶାଳ ଏବଂ ଭୌଗୋଳିକ ଭାବେ ସୁବିସ୍ତୃତା ହୋଇଥିଲେ ହେଁ କମ୍ ଖର୍ଚ୍ଚ

ଖ) ଏହା ସାକ୍ଷାତକର୍ତ୍ତାଙ୍କ ପକ୍ଷପାତିତାରୁ ମୁକ୍ତ; ଉତ୍ତରଗୁଡ଼ିକ ଉତ୍ତରଦାତାଙ୍କ ନିଜସ୍ୱ ଶବ୍ଦାବଳି

ଗ) ଉତ୍ତରଦାତାଙ୍କ ନିକଟରେ ଭଲଭାବେ ଚିନ୍ତା କରି ଉତ୍ତର ଦେବା ପାଇଁ ଯଥେଷ୍ଟ ସମୟ ଥାଏ

ଘ) ଯେଉଁ ଉତ୍ତରଦାତା ସହଜ ଉପଲବ୍ଧ ନୁହନ୍ତି, ସେମାନଙ୍କ ନିକଟରେ ମଧ୍ୟ ସହଜରେ ପହଞ୍ଚି ହେବ।

ଙ) ଅଧିକ ନମୁନାର ବ୍ୟବହାର କରିହେବ ଏବଂ ସେଥି ପାଇଁ ପରିଣାମ ଅଧିକ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ହେବ।

**ପ୍ରଶ୍ନପତ୍ର ପଦ୍ଧତିର ଅସୁବିଧା**

ନିମ୍ନରେ ସାକ୍ଷାତକାର ପଦ୍ଧତିର କେତେଗୁଡ଼ିଏ ଅସୁବିଧା ପ୍ରଦାନ କରାଗଲା

କ) ଠିକ୍ ଭାବେ ପୂରଣ ହୋଇଥିବା ପ୍ରଶ୍ନପତ୍ର ଫେରିବାର ହାର କମ୍; ଅନୁତ୍ତରତା କାରଣରୁ ପକ୍ଷପାତିତା ପ୍ରାୟତଃ ଅନିର୍ଦ୍ଦିଷ୍ଟ

ଖ) ଏହା କେବଳ ଉତ୍ତରଦାତା ଶିକ୍ଷିତ ଏବଂ ସହଯୋଗୀ ମନୋଭାବସମ୍ପନ୍ନ ହୋଇଥିଲେ ହିଁ ବ୍ୟବହାର କରାଯାଇପାରିବ।

ଗ) ଥରେ ପ୍ରଶ୍ନପତ୍ର ପଠାହୋଇଗଲା ପରେ ଏହା ଉପରେ ନିୟନ୍ତ୍ରଣ ରହି ନପାରେ।

ଘ) ଥରେ ପ୍ରଶ୍ନପତ୍ର ପଠା ହେଲା ପରେ ଆଉ ଏହାକୁ ସଂଶୋଧନ କରିବା କଷ୍ଟସାଧ ହୋଇଥିବାରୁ ଏହା ମୂଳରୁ ଅନମନୀୟ।

ଙ) ଅସ୍ପଷ୍ଟ ଅଥବା କେତେକ ପ୍ରଶ୍ନର ଉତ୍ତର ବାଦ୍‌ଦେବାର ସମ୍ଭାବନା ଏଥିରେ ରହିଛି; ବାଦ୍ ଦେବାର ବ୍ୟାଖ୍ୟା କରିବା କଷ୍ଟକର।

ଚ) ଇଚ୍ଛୁକ ଉତ୍ତରଦାତାଙ୍କ ପ୍ରକୃତ ପ୍ରତିନିଧିତ୍ୱ ଜାଣିବା କଷ୍ଟକର।

ଛ) ଏହି ପଦ୍ଧତି ସବୁଠାରୁ ମନ୍ଥର।

**ଘ. ଅନୁସୂଚୀ**

ଏହି ପଦ୍ଧତି ପ୍ରାୟତଃ ପ୍ରଶ୍ନପତ୍ର ପଦ୍ଧତିରେ ତଥ୍ୟ ସଂଗ୍ରହ କରିବା ଭଳି, ଯେଉଁଥିରେ ସାମାନ୍ୟ ପ୍ରଭେଦ ରହିଛି । ଏଥିରେ ଅନୁସୂଚୀ (ପ୍ରଶ୍ନ ସମୂହ ଥିବା ଏକ ପ୍ରୋଫର୍ମା) ରହିଥାଏ ଯାହାକୁ ସ୍ୱତନ୍ତ୍ରଭାବେ ନିଯୁକ୍ତ ଗଣନାକାରୀଙ୍କ ଦ୍ୱାରା ଭରାଯାଇଥାଏ ।

ଏହି ଗଣନାକାରୀମାନେ ଅନୁସୂଚୀ ସହିତ ଉତ୍ତରଦାତାଙ୍କ ନିକଟକୁ ଯାଆନ୍ତି, ସେମାନଙ୍କ ନିକଟରେ ପ୍ରଶ୍ନ ଗୁଡ଼ିକ ସୂଚୀ ଅନୁସାରେ ଉପସ୍ଥାପନ କରନ୍ତି ଏବଂ ଉତ୍ତରକୁ ସେହି କ୍ରମରେ ପ୍ରୋଫର୍ମାରେ ଦିଆଯାଇଥିବା ନିର୍ଦ୍ଧିଷ୍ଟ ସ୍ଥାନରେ ଲିପିବଦ୍ଧ କରନ୍ତି । କେତେକ ସ୍ଥିତିରେ ସୂଚୀକୁ ଉତ୍ତରଦାତାଙ୍କୁ ଦିଆଯାଇଥାଏ ଏବଂ ଗଣନାକାରୀ ଉତ୍ତରଦାତାଙ୍କୁ ସମ୍ପୃକ୍ତ ପ୍ରଶ୍ନପତ୍ରରେ ଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଭରିବାରେ ସାହାଯ୍ୟ କରନ୍ତି। ଗଣନାକାରୀ ଅନୁସନ୍ଧାନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୁଝାଇଥାଆନ୍ତି ଏବଂ ଉତ୍ତରଦାତାଙ୍କ ପାଇଁ କୌଣସି ନିର୍ଦ୍ଧିଷ୍ଟ ପ୍ରଶ୍ନର ପ୍ରଭାବ ବା ଏହାର ସଂଜ୍ଞା ବା କଷ୍ଟକର ଶବ୍ଦର ଧାରଣା ବୁଝିବାରେ କଷ୍ଟକର ହେଲେ ସେହି ଅସୁବିଧାକୁ ଦୂର କରନ୍ତି।

ଏହି ପଦ୍ଧତି ଅନୁସୂଚୀ ଭରିବା ପାଇଁ ଅଥବା ଉତ୍ତରଦାତାଙ୍କୁ ଉତ୍ତର ଭରିବାରେ ସହାୟତା କରିବା ପାଇଁ ଗଣନାକାରୀଙ୍କ ଚୟନର ଆବଶ୍ୟକତା ରହିଛି ଏବଂ ଏହି ଗଣନାକାରୀମାଙ୍କର ଚୟନ ଅତ୍ୟନ୍ତ ଯତ୍ନ ସହକାରେ କରାଯିବା ଉଚିତ । ଗଣନାକାରୀମାନେ ଠିକ୍ ଭାବେ କାର୍ଯ୍ୟ କରିବାପାଇଁ ପ୍ରଶିକ୍ଷିତ ହେବା ଉଚିତ ଏବଂ ସେମାନଙ୍କୁ ଅନୁସନ୍ଧାନର ପ୍ରକୃତି ଓ ପରିସର ଭଲ ଭାବରେ ବୁଝାଯିବା ଦରକାର ଯଦ୍ଦ୍ୱାରା ସେମାନେ ଅନୁସୂଚୀରେ ଥିବା ବିଭିନ୍ନ ପ୍ରଶ୍ନଗୁଡ଼ିକର ପ୍ରଭାବ ବୁଝିପାରିବେ।

ଗଣନାକାରୀମାନେ ଚାଲାକ୍ ଏବଂ ସତ୍ୟ ବାହାର କରିବା ପାଇଁ ପୁନଃ ପରୀକ୍ଷଣ କରିବାର କ୍ଷମତା ରଖିବା ପ୍ରୟୋଜନ। ସର୍ବୋପରି, ସେମାନେ ସଚ୍ଚୋଟ, ଆନ୍ତରିକ, ପରିଶ୍ରମୀ ଏବଂ ଧୈର୍ଯ୍ୟବାନ୍ ତଥା ସ୍ଥିରଚିତ୍ତ ହେବା ଆବଶ୍ୟକ । ଏହି ପଦ୍ଧତିରେ ତଥ୍ୟ ସଂଗ୍ରହ ବିସ୍ତୃତ ଅନୁସନ୍ଧାନରେ ଅତ୍ୟନ୍ତ ଉପଯୋଗୀ ଏବଂ ବେଶ୍ ନିର୍ଭରଯୋଗ୍ୟ ପରିଣାମଦାୟୀ ଅଟେ । ତେବେ ଏହା ଅତ୍ୟନ୍ତ ବ୍ୟୟସାପେକ୍ଷ ଓ ସାଧାରଣତଃ ସରକାରୀ ଏଜେନ୍ସି ଅଥବା ବଡ଼ ବଡ଼ ଅନୁଷ୍ଠାନଗୁଡ଼ିକ ଦ୍ୱାରା କରାଯାଉଥିବା ଅନୁସନ୍ଧାନରେ ବ୍ୟବହାର କରାଯାଏ। ସାରା ବିଶ୍ୱରେ ଏହି ପଦ୍ଧତି ବ୍ୟବହାର କରି ଜନଗଣନା କରାଯାଇଥାଏ।

## ୧.୩: ତଥ୍ୟ ସଂଗ୍ରହର ଅନ୍ୟ କେତେକ ପଦ୍ଧତି

ଉପରେ ବର୍ଣ୍ଣିତ ଲଥ୍ୟ ସଂଗ୍ରହର ଲୋକପ୍ରିୟ ପଦ୍ଧତିଗୁଡ଼ିକ ଅତିରିକ୍ତ ଆହୁରି କେତେକ ପଦ୍ଧତି ରହିଛି ଯାହା ଗବେଷକ/ବଡ଼ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସାମ୍ପ୍ରତିକ ସମୟରେ ବ୍ୟବହାର କରୁଛନ୍ତି । ଆସନ୍ତୁ ସେଗୁଡ଼ିକ ମଧ୍ୟରୁ କେତେଗୁଡ଼ିକୁ ଦେଖିବା।

**ୱାରାଣ୍ଟି କାର୍ଡସ୍**

ୱାରାଣ୍ଟି କାର୍ଡ ଗୁଡ଼ିକ ସାଧାରଣତଃ ପୋଷ୍ଟକାର୍ଡ ଆକାରର ହୋଇଥାଏ ଯାହା ଉପଭୋଗ୍ୟ ବସ୍ତୁର ବିକ୍ରେତାଙ୍କ ଦ୍ୱାରା ଉତ୍ପାଦ ସମ୍ପର୍କରେ ସୂଚନା ସଂଗ୍ରହ ପାଇଁ ବ୍ୟବହାର କରାଯାଇଥାଏ । ମଗାଯାଉଥିବା ସୂଚନା ସମ୍ପର୍କିତ ପ୍ରଶ୍ନ ୱାରାଣ୍ଟି କାର୍ଡରେ ଛପା ହୋଇଥାଏ ଯାହା ଉତ୍ପାଦ ସହିତ ପ୍ୟାକେଜ୍ ମଧ୍ୟରେ ଥାଏ। ଏଥିରେ ଉପଭୋକ୍ତାଙ୍କୁ ଏହି କାର୍ଡକୁ ଭରି ବିକ୍ରେତାଙ୍କୁ ଡାକଯୋଗେ ପଠାଇବାକୁ ଅନୁରୋଧ ରହିଥାଏ।

**ବିତରକ ବା ଷ୍ଟୋର୍ ଅଡିଟ୍ସ୍**

ବିତରକ ବା ଷ୍ଟୋର୍ ଅଡିଟ୍ସ ବିତରକ ତଥା ଉତ୍ପାଦକଙ୍କ ଦ୍ୱାରା ନିୟମିତ ସମୟ ବ୍ୟବଧାନରେ ତାଙ୍କର ସେଲ୍ସ୍‌ମେନ୍‌ଙ୍କ ଜରିଆରେ କରାଯାଇଥାଏ ଏବଂ ଏଥିରୁ ପ୍ରାପ୍ତ ସୂଚନାକୁ ବଜାରର ଆକାର, ବଜାରର ଅଂଶଧନ, ଋତୁକାଳୀନ କ୍ରୟ ସଂରଚନା ଆଦି ଆକଳନ କରିବା ପାଇଁ ବ୍ୟବହାର କରନ୍ତି। ଏପରି ଅଡିଟ୍‌ରୁ ତଥ୍ୟ ପ୍ରଶ୍ନ ପଚାରି ନୁହେଁ ବରଂ ପର୍ଯ୍ୟବେକ୍ଷଣରୁ ପ୍ରାପ୍ତ ହୋଇଥାଏ।

**ପ୍ରୋଜେକ୍ଟିଭ୍ କୌଶଳ**

ତଥ୍ୟ ସଂଗ୍ରହ ପାଇଁ ପ୍ରୋଜେକ୍ଟିଭ୍ କୌଶଳ (ଯାହାକୁ ବେଳେବେଳେ ପରୋକ୍ଷ ସାକ୍ଷାତକାର ପଦ୍ଧତି କୁହାଯାଇଥାଏ)ମନୋବିଜ୍ଞାନୀମାନଙ୍କଦ୍ୱାରା ଉତ୍ତରଦାତାଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ, ପ୍ରରୋଚନା ଓ ଲକ୍ଷ୍ୟ ଯାହା ଉତ୍ତରଦାତାଙ୍କୁ ସଙ୍କୋଚ ବା ପ୍ରଘଟ କରିବାରେ ଅଥବା ନିଜକୁ ନିଜେ ନିର୍ଣ୍ଣୟ ନେବାରେ ଅସମର୍ଥ ହେଲେ ତାହା ଅନୁମାନ କରିବାପାଇଁ ବିକଶିତ ହୋଇଛି । ପ୍ରୋଜେକ୍ଟିଭ୍ କୌଶଳରେ ଉତ୍ତରଦାତା ସୂଚନା ଯୋଗାଣରେ ଅଜାଣତରେ ଅଧ୍ୟୟନ ଅନ୍ତର୍ଗତ ପ୍ରସଙ୍ଗ ସମ୍ପର୍କରେ ନିଜର ମନୋବୃତ୍ତି ବା ଅନୁଭବକୁ ଉପସ୍ଥାପନ କରନ୍ତି । ପ୍ରେରଣାଦାୟୀ ଅନୁସନ୍ଧାନ ଅଥବା ମନୋବୃତ୍ତି ସର୍ବେକ୍ଷଣରେ ପ୍ରୋଜେକ୍ଟିଭ୍ କୌଶଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

**ଗଭୀର ସାକ୍ଷାତକାର**

ଗଭୀର ସାକ୍ଷାତକାର ହେଉଛି ସେହି ସବୁ ସାକ୍ଷାତକାର ଯାହା ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ଆକାଂକ୍ଷାର ଆବିଷ୍କାର ପାଇଁ ଡିଜାଇନ୍ ହୋଇଥାଏ ଏବଂ ପ୍ରାୟତଃ ପ୍ରେରଣାଦାୟୀ ଅନୁସନ୍ଧାନରେ ବ୍ୟବହାର ହୋଇଥାଏ । ଏହି ସାକ୍ଷାତକାରଗୁଡ଼ିକ ଉତ୍ତରଦାତାଙ୍କ ଆବଶ୍ୟକତା, ଆକାଂକ୍ଷା ଏବଂ ଭାବନାକୁ ଖୋଜି ବାହାର କରିବାପାଇଁ କରାଯାଇଥାଏ । ଅନ୍ୟ ଅର୍ଥରେ, ତାହା ଅଜାଣତରେ ବିଶେଷତଃ ବ୍ୟକ୍ତିତ୍ୱ, ସ୍ଫୁର୍ତ୍ତ ଏବଂ ପ୍ରେରଣା ଭଳି ଅନ୍ୟ ତତ୍ତ୍ୱଗୁଡ଼ିକୁ ପ୍ରକାଶିତ କରିବାକୁ ଲକ୍ଷ୍ୟ ରଖିଥାଏ। ଏହିପରି ଭାବେ ଗଭୀର ସାକ୍ଷାତକାରରେ ସାକ୍ଷାତକର୍ତ୍ତାଙ୍କଠାରେ ବହୁତ କୌଶଳ ଆବଶ୍ୟକ କରିଥାଏ ଏବଂ ବହୁତ ସମୟ ଦରକାର କରିଥାଏ । ଅନୁସନ୍ଧିତ୍ସୁ ବିଶେଷରୂପେ ପ୍ରଶିକ୍ଷିତ ନ ଥିଲେ, ଗଭୀର ସାକ୍ଷାତକାର ପଦ୍ଧତି ଚେଷ୍ଟା କରାଯିବା ଅନୁଚିତ।

**ବିଷୟବସ୍ତୁର ବିଶ୍ଳେଷଣ**

ବହି, ପତ୍ରିକା, ଖବରକାଗଜ ଏବଂ ସମସ୍ତ ବାଚନିକ ସାମଗ୍ରୀର ବିଷୟବସ୍ତୁ ଯାହା କଥିତ ବା ମୁଦ୍ରିତ ସ୍ଥିତିରେ ରହିଛି ସେହି ଭଳି ନଥିପତ୍ର ବା ଡକ୍ୟୁମେଣ୍ଟ୍ ସାମଗ୍ରୀରେ ଥିବା ବିଷୟବସ୍ତୁ ବିଶ୍ଳେଷଣର ଅନ୍ତର୍ଭୁକ୍ତ । ୧୯୪୦ ପୂର୍ବରୁ ବିଷୟ ବସ୍ତୁର ବିଶ୍ଳେଷଣ ମୁଖ୍ୟତଃ ଚିହ୍ନଟ ଏବଂ ଗଣନଯୋଗ୍ୟ ବିଶେଷତାଯୁକ୍ତ ଡକ୍ୟୁମେଣ୍ଟର ପରିମାଣଗତ ବିଶ୍ଳେଷଣ ଥିଲା। କିନ୍ତୁ ୧୯୫୦ ରୁ କଣ୍ଟେଣ୍ଟ୍ ଆନାଲିସିସ୍ ଉପସ୍ଥିତ ନଥିପତ୍ରର ସାଧାରଣ ଆମଦାନି ବା ବାର୍ତ୍ତା ସମ୍ବନ୍ଧରେ ଅଧିକ ମାନଯୁକ୍ତ ବିଶ୍ଳେଷଣ ହୋଇଛି।

## ୧.୪: ମାଧ୍ୟମିକ ତଥ୍ୟ

ଏକ ପକ୍ଷ ଦ୍ୱାରା ଅତୀତରେ ଭିନ୍ନ ଉଦ୍ଦେଶ୍ୟରେ ସଂଗୃହିତ ତଥ୍ୟ ଯାହା ଆବଶ୍ୟକ ଅନୁସନ୍ଧାନ ଅଧ୍ୟୟନ ସମ୍ପର୍କିତ ନୁହେଁ ତାହାକୁ ମାଧ୍ୟମିକ ତଥ୍ୟ ବା ସେକଣ୍ଡାରୀ ଡାଟା କହନ୍ତି। ଯଦି ଏହି ତଥ୍ୟକୁ ଅନୁସନ୍ଧାନୀ ବ୍ୟବହାର କରନ୍ତି ତେବେ ତାହା ବର୍ତ୍ତମାନର ବ୍ୟବହାରକାରୀଙ୍କ ପାଇଁ ମାଧ୍ୟମିକ ତଥ୍ୟ ହୋଇଥାଏ । ଏହା ଲିଖିତ, ଟାଇପ୍ କୃତ ବା ବିଦ୍ୟୁତିକ ରୂପରେ ଉପଲବ୍ଧ ହୋଇପାରେ । ଗବେଷକଙ୍କ ପାଇଁ ଏକ ଉଦ୍ୟୋଗ, ବ୍ୟବହାରକ୍ଷମ ଉତ୍ପାଦ ଏବଂ ବଜାର କ୍ଷେତ୍ର ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଅନେକ କିସମର ମାଧ୍ୟମିକ ସୂଚନାର ଉତ୍ସ ଉପଲବ୍ଧ । ମାଧ୍ୟମିକ ତଥ୍ୟ ଏହାର ଉତ୍ସ ଅନୁସାରେ ଅନ୍ତରୀଣ ବା ବାହ୍ୟ ଭାବରେ ବିଭକ୍ତ। ଅନ୍ତରୀଣ ବା ଇନ୍ ହାଉସ୍ ତଥ୍ୟ ଅନୁସନ୍ଧାନସ୍ଥଳରୁ ପ୍ରାପ୍ତ ହୋଇଥାଏ । ବାହ୍ୟ ସେକଣ୍ଡାରୀ ଡାଟା ବାହାର ସୂତ୍ରରୁ ପ୍ରାପ୍ତ ହୋଇଥାଏ ।

ଗବେଷକ ମାଧ୍ୟମିକ ତଥ୍ୟ ବ୍ୟବହାର କରିବା ବେଳେ ଯଥେଷ୍ଟ ଯତ୍ନବାନ ହେବା ଉଚିତ । ଏହି ତଥ୍ୟ ସେ କରୁଥିବା ଅନୁସନ୍ଧାନର ମୂଳ ସମସ୍ୟା ସମ୍ପର୍କରେ ଅନୁପଯୁକ୍ତ ଓ ଅଯଥାର୍ଥ ହେବାର ସମ୍ଭାବନା ଥିବାରୁ ତଥ୍ୟର ଗଭୀର ଯାଞ୍ଚ କରିବା ଉଚିତ। ଏ ସମ୍ପର୍କରେ ଡ. ଏ.ଏଲ୍.ବାଉଲେ ଯଥାର୍ଥରେ ପ୍ରକାଶ କରନ୍ତି କି ଏହା କଦାପି ପ୍ରକାଶିତ ପରିସଂଖ୍ୟାନକୁ ଏହାର ଅଙ୍କିତମୂଲ୍ୟ ଆଧାରରେ ତାହାର ଅର୍ଥ ଓ ପରିସର ନ ଜାଣି ଗ୍ରହଣ କରିନେବା ଉଚିତ ନୁହେଁ ଏବଂ ସର୍ବଦା ତାହା ଉପରେ ପର୍ଯ୍ୟବସିତ ଯୁକ୍ତିର ଆଲୋଚନା କରିବା ଆବଶ୍ୟକ । ମାଧ୍ୟମିକ ତଥ୍ୟରେ ବିଭିନ୍ନ ସୁବିଧା ଓ ଅସୁବିଧାମାନ ରହିଛି।

## ୧.୪.୧: ମାଧ୍ୟମିକ ତଥ୍ୟର ସୁବିଧା ଓ ଅସୁବିଧା

**ମାଧ୍ୟମିକ ତଥ୍ୟର ସୁବିଧା**

ମାଧ୍ୟମିକ ତଥ୍ୟର କେତେକ ସୁବିଧା ନିମ୍ନରେ ପ୍ରଦତ୍ତ:

କ) ମାଧ୍ୟମିକ ତଥ୍ୟର ପ୍ରାଥମିକ ସୁବିଧା ହେଉଛି ଏହା ଶୀଘ୍ର ଏବଂ ଶସ୍ତାରେ ପହଞ୍ଚରେ ଆସିଥାଏ

ଖ) ଏହା ସାରା ବିଶ୍ୱର ଶ୍ରେଷ୍ଠ ବିଜ୍ଞ ବ୍ୟକ୍ତିଙ୍କ କାର୍ଯ୍ୟ ପାଖରେ ପହଞ୍ଚକୁ ବାଟକଢ଼ାଇଥାଏ।

ଗ) ତୃତୀୟତଃ, ମାଧ୍ୟମିକ ତଥ୍ୟ ଗବେଷକଙ୍କୁ ନିର୍ଦ୍ଦିଷ୍ଟ ଅନୁସନ୍ଧାନ ପାଇଁ ଦିଗ ଦେଖାଇ ମନରେ ଏକ ଢାଞ୍ଚା ପ୍ରସ୍ତୁତ କରିଥାଏ।

ଘ) ଚତୁର୍ଥତଃ ମାଧ୍ୟମିକ ତଥ୍ୟ ସମୟ, ଉଦ୍ୟମ ଓ ଅର୍ଥ ବଞ୍ଚାଇବା ସହ ଅନୁସନ୍ଧାନ ଅଧ୍ୟୟନର ମହତ୍ତ୍ୱବୃଦ୍ଧି କରିଥାଏ।

**ମାଧ୍ୟମିକ ତଥ୍ୟର ଅସୁବିଧା**

ମାଧ୍ୟମିକ ତଥ୍ୟର କେତେକ ଅସୁବିଧା ନିମ୍ନରେ ପ୍ରଦତ୍ତ:

କ) ତୃତୀୟପକ୍ଷ ଦ୍ୱାରା ସଂଗୃହିତ ତଥ୍ୟ ନିର୍ଭରଯୋଗ୍ୟ ହୋଇ ନ ଥିବାରୁ ଏହାର ସଠିକତାର ସ୍ତର କମ୍।

ଖ) ଗୋଟିଏ ସ୍ଥାନରୁ ସଂଗୃହିତ ତଥ୍ୟ ପରିବେଶଗତ ବିବିଧତା କାରଣରୁ ଅନ୍ୟ ସ୍ଥାନ ପାଇଁ ଉପଯୁକ୍ତ ହୋଇ ନ ପାରେ ।

ଗ) ସମୟ ପରିବର୍ତ୍ତନ ସହ ତଥ୍ୟ ପୁରୁଣା ଏବଂ ଅପ୍ରଚଳିତ ହୋଇଯାଏ।

ଘ) ସଂଗୃହୀତ ମାଧ୍ୟମିକ ତଥ୍ୟ ଗବେଷଣାର ପରିଣାମକୁ ବିଭ୍ରାନ୍ତ କରିପାରେ । ମାଧ୍ୟମିକ ତଥ୍ୟ ବ୍ୟବହାର ପାଇଁ ସ୍ୱତନ୍ତ୍ର ଯତ୍ନସହକାରେ ଏହାର ସଂଶୋଧନ ଓ ପରିବର୍ତ୍ତନ ଆବଶ୍ୟକ ହୋଇଥାଏ ।

ଙ) ମାଧ୍ୟମିକ ତଥ୍ୟ ମଧ୍ୟ ପ୍ରାମାଣିକତା ଏବଂ ସତ୍ତ୍ୱାଧିକାରଗତ ସମସ୍ୟା ସୃଷ୍ଟି କରିପାରେ।

## ୧.୫: ଆସ ପ୍ରଗତି ମାପିବା

କ) ପ୍ରାଥମିକ ତଥ୍ୟ କ'ଣ ? ଏହା ମାଧ୍ୟମିକ ତଥ୍ୟ ଠାରୁ କିପରି ଭିନ୍ନ ?

----------------------------------------------------------------
----------------------------------------------------------------
----------------------------------------------------------------
---------------------------

ଖ) ସାକ୍ଷାତକାର ପଦ୍ଧତିର ସୁବିଧାସବୁ କ'ଣ ?

----------------------------------------------------------------
----------------------------------------------------------------
----------------------------------------------------------------
------------------------------

ଗ) ପ୍ରଶ୍ନପତ୍ର ପଦ୍ଧତିର ଅସୁବିଧାମାନ କ'ଣ ?

----------------------------------------------------------------
----------------------------------------------------------------
----------------------------------------------------------------
------------------------------

ଘ) ପର୍ଯ୍ୟବେକ୍ଷଣ ପଦ୍ଧତିର ସୀମା ବର୍ଣ୍ଣନା କର ।

----------------------------------------------------------------
----------------------------------------------------------------
----------------------------------------------------------------
------------------------------

ଙ) ବିଷୟବସ୍ତୁ ବିଶ୍ଳେଷଣ କ'ଣ ?

----------------------------------------------------------------
----------------------------------------------------------------
----------------------------------------------------------------
------------------------------

## ୟୁନିଟ୍ – ୨ : ବିଷୟବସ୍ତୁ ବିଶ୍ଳେଷଣ


୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ଜନଗଣନା କ'ଣ ?

୨.୨.୧: ଜନଗଣନାର ଉଦ୍ଦେଶ୍ୟ

୨.୨.୨: ଜନଗଣନା ତଥ୍ୟର ବ୍ୟବହାରକାରୀ

୨.୩: ନମୁନା ସଂଗ୍ରହ କ'ଣ

୨.୩.୧: ନମୁନା ସଂଗ୍ରହର ଗୁରୁତ୍ୱ

୨.୩.୨: ନମୁନାସଂଗ୍ରହରେ ପ୍ରମୁଖ ସର୍ତ୍ତାବଳୀ

କ) ବିଶ୍ୱ/ଜନସଂଖ୍ୟା

ଖ) ନମୁନା ସଂଗ୍ରହର ଡିଜାଇନ୍

ଗ) ପରିସଂଖ୍ୟାନ ଏବଂ ମାପଦଣ୍ଡ

ଘ) ତ୍ରୁଟିପୂର୍ଣ୍ଣ ନମୁନା

୨.୩.୩: ନମୁନା ସଂଗ୍ରହର ସୁବିଧା

୨.୩.୪: ନମୁନାର ଆକାର

୨.୩.୫: ନମୁନା ଆକାରରେ ବିଚାର

୨.୩.୬: ନମୁନା ଆକାର ପାଇଁ ଗାଣିତିକ ସୂତ୍ର

୨.୩.୭: ବିଭିନ୍ନ ପ୍ରକାରର ନମୁନା ସଂଗ୍ରହ

କ) ସମ୍ଭାବ୍ୟ ନମୁନା

ଖ) ସମ୍ଭାବନାହୀନ ନମୁନା

୨.୪: ଜନଗଣନା ଏବଂ ନମୁନା ସଂଗ୍ରହ ମଧ୍ୟରେ ପାର୍ଥକ୍ୟ

୨.୫: ଆସ ପ୍ରଗତି ମାପିବା


### ୨.୧: ପଠନର ଉଦ୍ଦେଶ୍ୟ

ଏହି ପାଠ ଅଧ୍ୟୟନ ପରେ, ଆପଣ ;

- ଜନଗଣନା କ'ଣ ବୁଝିବେ
- ନମୁନାସଂଗ୍ରହ ଏବଂ ଏହାର ସୁବିଧାଗୁଡ଼ିକୁ ବୁଝିବେ
- ବିଭିନ୍ନ ପ୍ରକାର ନମୁନା ସଂଗ୍ରହକୁ ଚିହ୍ନଟ କରିବେ
- ଜନଗଣନା ଏବଂ ନମୁନା ସଂଗ୍ରହ ମଧ୍ୟରେ ପାର୍ଥକ୍ୟ ଜାଣିବେ

## ୨.୨: ବିଷୟ ପରିଚୟ

ସେନ୍ସସ୍ ବା ଜନଗଣନା ହେଉଛି ଏକ ନିର୍ଦ୍ଧାରିତ ଜନସଂଖ୍ୟାର ସଦସ୍ୟମାନଙ୍କ ସମ୍ପର୍କରେ ବ୍ୟବସ୍ଥିତ ଭାବେ ସୂଚନା ହାସଲ କରିବା ଏବଂ ଲିପିବଦ୍ଧ କରିବାର ଏକ ପଦ୍ଧତି। ଏହା ଏକ ନିର୍ଦ୍ଦିଷ୍ଟ ଜନସଂଖ୍ୟାର ଆନୁଷ୍ଠାନିକ ଏବଂ ନିୟମିତ ଭାବେ ଅନୁଷ୍ଠିତ ଗଣନା। ଏହି ଶବ୍ଦଟି ମୁଖ୍ୟତଃ ଜାତୀୟ ଜନସଂଖ୍ୟା ଏବଂ ଗୃହନିର୍ମାଣ ସମ୍ବନ୍ଧୀୟ ଗଣନାରେ ବ୍ୟବହୃତ; କୃଷି, ବ୍ୟବସାୟ ଏବଂ ଯାତାୟାତ ସମ୍ବନ୍ଧୀୟ ଗଣନା ଆଦି ଅନ୍ୟାନ୍ୟ ସାଧାରଣ ଜନଗଣନା ଅନ୍ତର୍ଭୁକ୍ତ।

ସେନ୍ସସ୍ ଶବ୍ଦଟି ଲାଟିନ୍ ଭାଷାରୁ ଆନୀତ । ରୋମୀୟ ସାଧାରଣତନ୍ତ୍ର ସମୟରେ ପ୍ରତିରକ୍ଷା ସେବାରେ ଯୋଗଦେବାପାଇଁ ଯୋଗ୍ୟ ପ୍ରାପ୍ତ ବୟସ୍କ ପୁରୁଷମାନଙ୍କର ସୂଚନା ରଖିବା ପାଇଁ କରାଯାଉଥିବା ସୂଚୀକୁ ସେନ୍ସସ୍ କୁହାଯାଉଥିଲା। ଯେକୌଣସି ପରିସଂଖ୍ୟାନର ଅନ୍ତର୍ଜାତୀୟ ତୁଳନା ପାଇଁ ଆଧୁନିକ ସେନ୍ସସ୍ ଜରୁରୀ ଏବଂ ସେନ୍ସସ୍ ଜନସଂଖ୍ୟାର ଅନେକ ବୈଶିଷ୍ଟ୍ୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥାଏ। ବର୍ତ୍ତମାନ ଏହା କେବଳ କେତେ ଲୋକ ଅଛନ୍ତି ତା' ନୁହେଁ ବରଂ ସାଧାରଣତଃ ଏକ ସର୍ବେକ୍ଷଣ ବ୍ୟବସ୍ଥାରେ ଏକମାତ୍ର ଜାତୀୟ ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ପ୍ରକ୍ରିୟାଭାବେ ଆରମ୍ଭ ହୋଇଥିଲା । ଯଦିଓ ଜନସଂଖ୍ୟା ଅଟକଳ ଜନଗଣନାର ଏକ ମୁଖ୍ୟ କାର୍ଯ୍ୟ ଭାବେ ରହିଛି, ଜନସଂଖ୍ୟାର ପ୍ରକୃତ ଭୌଗୋଳିକ ବିଭାଜନ ସମେତ ବୟସ ଏବଂ ଲିଙ୍ଗ ଆଧାରରେ ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଭଳି ଗୁଣାବଳୀର ସମ୍ମିଶ୍ରଣ ସମ୍ପର୍କରେ ପରିସଂଖ୍ୟାନ ପ୍ରଦାନ କରିପାରିବ ।

### ୨.୨.୧: ଜନଗଣନାର ଉଦ୍ଦେଶ୍ୟ

ଜନଗଣନାର ଉଦ୍ଦେଶ୍ୟ ହେଉଛି:

କ) ନୀତି ପ୍ରସ୍ତୁତି, ଯୋଜନା ଏବଂ ପ୍ରଶାସନ ନିମନ୍ତେ ସରକାରଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା

ଖ) ଜନସଂଖ୍ୟାର କଲ୍ୟାଣକୁ ବୃଦ୍ଧି କରି ସାମାଜିକ-ଆର୍ଥିକ ନୀତିର ବିକାଶ ନିମନ୍ତେ ସୁବିଧା ପ୍ରଦାନକାରୀ ନିଷ୍ପତ୍ତି ଗ୍ରହଣ କରିବା

ଗ) ଗ୍ରାମୀଣ/ସହରାଞ୍ଚଳର ଗତିବିଧିର ପରିବର୍ତ୍ତନଶୀଳ ଢାଞ୍ଚା ଏବଂ ଏକାଗ୍ରତାର ମୂଲ୍ୟାଙ୍କନ ଓ ବିଶ୍ଳେଷଣ, ସହରୀକୃତ କ୍ଷେତ୍ରଗୁଡ଼ିକର ବିକାଶ, ବୃତ୍ତି ଓ ଶିକ୍ଷା ସହିତ ଜନସଂଖ୍ୟାର ସାମାଜିକ-ଆର୍ଥିକ ବୈଶିଷ୍ଟ୍ୟ ଏବଂ ଶ୍ରମ ବଳ ପରି ପରିବର୍ତ୍ତନୀୟ ପ୍ରଭାବକ ଅନୁସାରେ ଜନସଂଖ୍ୟାର ଭୌଗୋଳିକ ବିଭାଜନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା।

ଘ) ଘରୋଇ କ୍ଷେତ୍ରର ନିଷ୍ପତ୍ତି ପ୍ରକ୍ରିୟାକୁ ସହାୟତା ଦେବା। ଜନସଂଖ୍ୟାର ଅକାର ଏବଂ ବୈଶିଷ୍ଟ୍ୟ ବ୍ୟବସାୟ ସ୍ଥଳ ଓ ସେବା ଯାହା ଲକ୍ଷିତ ଜନସଂଖ୍ୟାର ଆବଶ୍ୟକତା ପୂରଣ କରିଥାଏ ତାହାକୁ ପ୍ରଭାବିତ କରିଥାଏ।

ଙ) ଜନଗଣନା ମଧ୍ୟବର୍ତ୍ତୀ ବର୍ଷରେ ଗୃହ ସର୍ବେକ୍ଷଣ ପାଇଁ ପ୍ରସ୍ତୁତ ନମୁନା ଢାଞ୍ଚା ଭାବେ ବ୍ୟବହାର ପାଇଁ ପ୍ରମୁଖ ରେକର୍ଡର ଉତ୍ସ ମଧ୍ୟ ଜନସଂଖ୍ୟା ଗଣନା ଗଠନ କରିଥାଏ।

### ୨.୨.୨: ଜନଗଣନା ତଥ୍ୟର ଉପଭୋକ୍ତା

ଜନଗଣନା ଜନସଂଖ୍ୟା ବାବଦରେ ମୂଲ୍ୟବାନ ଏବଂ ସମୃଦ୍ଧ ସୂଚନା ପ୍ରଦାନ କରୁଥିବାରୁ ଏପରି ତଥ୍ୟର ଅନେକ ଉପଭୋକ୍ତା ରହିଛନ୍ତି । ତନ୍ମଧ୍ୟରୁ କେତେକ ହେଉଛନ୍ତି:

- କେନ୍ଦ୍ରୀୟ ଏବଂ ଆଞ୍ଚଳିକ ସରକାର
- ଇଚ୍ଛୁକ ଏବଂ ପ୍ରତିନିଧି ଦଳ
- ବ୍ୟବସାୟ
- ସ୍ଥାନୀୟ ଗୋଷ୍ଠୀ
- ଅନୁସୂଚିତ ସଂଗୋଷ୍ଠୀ
- ଛାତ୍ର
- ଗଣମାଧ୍ୟମ

## ୨.୩: ନମୁନା ସଂଗ୍ରହ କ'ଣ

ନମୁନା ସଂଗ୍ରହକୁ ସମଗ୍ରର କିଛି ଅଂଶ ବା ସମୁଦାୟର ଚୟନ ଭାବେ ପରିଭାଷିତ କରାଯାଇଥାଏ ଯାହା ଆଧାରରେ ସମଗ୍ର ବା ସମୁଦାୟ ବାବଦରେ ଏକ ନିର୍ଣ୍ଣୟ ବା ନିଷ୍କର୍ଷ ପ୍ରାପ୍ତ ହୋଇଥାଏ । ଅନ୍ୟ ଅର୍ଥରେ ଏହା ଜନସଂଖ୍ୟାର ଗୋଟିଏ ଅଂଶକୁ ପରୀକ୍ଷା କରି ସମୁଦାୟ ଜନସଂଖ୍ୟା ସମ୍ପର୍କରେ ସୂଚନା ହାସଲର ପ୍ରକ୍ରିୟା। ଅଧିକାଂଶ ଅନୁସନ୍ଧାନ କାର୍ଯ୍ୟ ଏବଂ ସର୍ବେକ୍ଷଣରେ ସାଧାରଣ ଉପାୟ ହେଉଛି ସାମାନ୍ୟକରଣ କିମ୍ବା ଜନସଂଖ୍ୟାର ମାପଦଣ୍ଡଗୁଡ଼ିକ ସମ୍ପର୍କିତ ନମୁନା ଆଧାରରେ ନିଷ୍କର୍ଷ ଲାଭ କରିବା । ଗବେଷକ ପ୍ରାୟତଃ ତାଙ୍କର ଅଧ୍ୟୟନ ଉଦ୍ଦେଶ୍ୟରେ ବିଶ୍ୱର ମାତ୍ର କିଛି ବିଷୟକୁ ଚୟନ କରିଥାନ୍ତି । ନମୁନା ତଥ୍ୟ ଜନସଂଖ୍ୟା ମାପଦଣ୍ଡକୁ ଆକଳନ କରିବାପାଇଁ ତାଙ୍କୁ ସକ୍ଷମ କରିବ ଭାବି ଏ ସବୁ କରାଯାଇଥାଏ । ତେଣୁ ଚୟନ ହୋଇଥିବା ବିଷୟଗୁଡ଼ିକ ଯାହା ଗଠନ କରେ ତାହାକୁ ବୈଷୟିକଭାବେ ନମୁନା କୁହାଯାଏ, ଚୟନ ପ୍ରକ୍ରିୟା ବା କୌଶଳକୁ ନମୁନା ଡିଜାଇନ କୁହାଯାଏ ଏବଂ ନମୁନା ଆଧାରରେ କରାଯାଇଥିବା

ସର୍ବେକ୍ଷଣକୁ ନମୁନା ସର୍ବେକ୍ଷଣ ଭାବେ ବର୍ଣ୍ଣନା କରାଯାଏ । ନମୁନା ବାସ୍ତବରେ ଠିକ୍ ଭାବେ ବିନା ପକ୍ଷପାତିତାରେ ଜନସଂଖ୍ୟା ବୈଶିଷ୍ଟ୍ୟଗୁଡ଼ିକର ପ୍ରତିନିଧି ହେବା ଉଚିତ ଯଦ୍ଦ୍ୱାରା ନିର୍ଭରଯୋଗ୍ୟ ଏବଂ ବୈଧ ପରିଣାମ ପ୍ରାପ୍ତ ହେବ।

**୨.୩.୧: ନମୁନା ସଂଗ୍ରହର ଗୁରୁତ୍ୱ**

ଏକ ବିଶାଳ ଜନସଂଖ୍ୟାକୁ ଏହାର ସମ୍ପୂର୍ଣ୍ଣ ଆକାର, ସମୟ, ମୂଲ୍ୟ ବା ଅପହଞ୍ଚ କାରଣରୁ ଅଧ୍ୟୟନ କରିହେବ ନାହିଁ । ସୀମିତ ସମୟ, ବୃହତ୍ ପରିମାଣର ନିଧିର ଅଭାବ ଏବଂ ବିସ୍ତୃତ ଭୌଗୋଳିକ କ୍ଷେତ୍ରରେ ବିକ୍ଷିପ୍ତ ଜନସଂଖ୍ୟା ପାଇଁ ପ୍ରାୟତଃ ନମୁନା ସଂଗ୍ରହ ଜରୁରୀ କରିଥାଏ । ସରାଣ୍ଟାକୋସ (୧୯୯୮:୧୪୦) ନମୁନା ସଂଗ୍ରହର ନିମ୍ନଲିଖିତ ଉଦ୍ଦେଶ୍ୟକୁ ସୂଚିତ କରିଛନ୍ତି:

୧. ଜନସଂଖ୍ୟା ଅନେକ କ୍ଷେତ୍ରରେ ଏତେ ବିଶାଳ ଏବଂ ବିକ୍ଷିପ୍ତ ହୋଇପାରେ ଯେ ଏକ ସମ୍ପୂର୍ଣ୍ଣ ବ୍ୟାପ୍ତି ସମ୍ଭବ ହୋଇ ନ ପାରେ । ମନେକରାଯାଉ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍ ଏହାର ନୁଡୁଲ୍ସ ଏବଂ ମହୁ କ୍ରୟ କରୁଥିବା ଗ୍ରାହକମାନଙ୍କର ପ୍ରତିକ୍ରିୟା ଜାଣିବାକୁ ଚାହୁଁଛି। ଏଥିପାଇଁ ବିଭିନ୍ନ ସହରରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଯୋଗାଯୋଗ କରିବାକୁ ହେବ । ସେହି ଗ୍ରାହକମାନଙ୍କ ମଧ୍ୟରୁ କେତେକ ଅପହଞ୍ଚ ଅଞ୍ଚଳରେ ବାସ କରୁଥାଇପାରନ୍ତି ଏବଂ ସେଥିପାଇଁ ଏକ ସ୍ୱଳ୍ପ ଅବଧି ମଧ୍ୟରେ ସୂଚନା ସଂଗ୍ରହ ଅସମ୍ଭବ ହୋଇପାରେ।

୨. ଏହା ଏକ ଉଚ୍ଚ ସ୍ତରର ସଠିକତା ପ୍ରଦାନ କରିଥାଏ କାରଣ ଏହା ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କ ସହ ସମ୍ପର୍କ କରିଥାଏ ।

୩. ଏକ ସ୍ୱଳ୍ପ ଅବଧିରେ ବୈଧ ଏବଂ ତୁଳନାତ୍ମକ ପରିଣାମ ମିଳିପାରିବ। ଏକ ସମୟସାପେକ୍ଷ ତଥ୍ୟ ସଂଗ୍ରହରେ ସଂଗୃହୀତ ସୂଚନା ପୂର୍ଣ୍ଣରୂପେ ହାତକୁ ଆସିବା ବେଳକୁ ଏହା ସାଧାରଣତଃ କିଛି ପୁରୁଣା ଅପ୍ରଚଳିତ ତଥ୍ୟ ଦେଇଥାଏ ।

୪. ଲକ୍ଷିତ ଜନସଂଖ୍ୟାର ଏକ କ୍ଷୁଦ୍ର ଅଂଶ ଆବଶ୍ୟକକରୁଥିବାରୁ ଅନୁସନ୍ଧାନୀର ଆବଶ୍ୟକତା ଦୃଷ୍ଟିରୁ ନମୁନାସଂଗ୍ରହ କମ୍ ଚାହିଦା ରହିଥାଏ ।

୫. ଏହା ଶସ୍ତା ଯେହେତୁ ଅଳ୍ପ ଲୋକରେ ହୋଇଥାଏ । ବିଶାଳ ଜନସଂଖ୍ୟା ଅଧିକ ସଂଖ୍ୟକ ସାକ୍ଷାତକର୍ତ୍ତା ନିଯୁକ୍ତି ଆବଶ୍ୟକ କରିଥାଏ ଯାହା ଅନୁସନ୍ଧାନର ମୋଟ୍ ଖର୍ଚ୍ଚ ମୂଲ୍ୟ ବଢ଼ାଇଦେବ।

**୨.୩.୨: ନମୁନା ସଂଗ୍ରହରେ ପ୍ରମୁଖ ଶବ୍ଦାବଳୀ**

ଆସନ୍ତୁ ଆମେମାନେ ନିଜକୁ ନମୁନା ସଂଗ୍ରହର ତତ୍ତ୍ୱ ଏବଂ ନୀତି ସମ୍ପର୍କିତ ମୌଳିକ ପରିଭାଷା ସହ ପରିଚିତ କରିବା।

**କ) ଜଗତ/ଜନସଂଖ୍ୟା:**

ଏକ ସାଂଖ୍ୟିକ ଦୃଷ୍ଟିକୋଣରୁ 'ଜଗତ' ଶବ୍ଦ କୌଣସି ଅନୁସନ୍ଧାନ କ୍ଷେତ୍ରରେ ଥିବା ମୋଟ୍ ବସ୍ତୁ ବା ଏକକକୁ ବୁଝାଏ ଯେତେବେଳେ କି 'ଜନସଂଖ୍ୟା' ଯେଉଁ ବସ୍ତୁ ସମ୍ପର୍କରେ ସୂଚନା ଆବଶ୍ୟକ ତାହାକୁ ବୁଝାଏ।

ଗୁଣାବଳୀ ଯାହା ଅଧ୍ୟୟନର ଉଦ୍ଦେଶ୍ୟ ତାହାକୁ ବୈଶିଷ୍ଟ ଭାବେ ଏବଂ ଏହାର ଏକକ ଧାରକକୁ ପ୍ରାଥମିକ ଏକକ କୁହାଯାଏ ।

ଏହିପରି ଏକକ ସମୂହକୁ ଜନସଂଖ୍ୟା କୁହାଯାଏ । ଏଣୁ କୌଣସି ଅନୁସନ୍ଧାନ କ୍ଷେତ୍ରରେ ଥିବା ସମସ୍ତ ଏକକଗୁଡ଼ିକ ଜଗତର ଗଠନ କରିଥାନ୍ତି ଏବଂ ସମସ୍ତ ପ୍ରାଥମିକ ଏକକ (ଏକ ବା ତତୋଧିକ ବୈଶିଷ୍ଟ୍ୟ ଆଧାରରେ) ଜନସଂଖ୍ୟା ଗଠନ କରିଥାନ୍ତି।

ପ୍ରାୟତଃ, ଆମେ ଜନସଂଖ୍ୟା ଏବଂ ଜଗତ ମଧ୍ୟରେ ପ୍ରଭେଦ ପାଇନଥାଉ । ସେହିଭଳି ଏହି ଦୁଇ ଶବ୍ଦକୁ ପରସ୍ପର ମଧ୍ୟରେ ପରିବର୍ତ୍ତନୀୟ ଭାବେ ଗ୍ରହଣୀୟ । ତେବେ ଜଣେ ଗବେଷକ ନିଶ୍ଚିତଭାବେ ସେଗୁଡ଼ିକୁ ଠିକ୍ ଭାବେ ପରିଭାଷିତ କରିବା ଉଚିତ ।

ଜନସଂଖ୍ୟା ବା ଜଗତ ସସୀମ ଅଥବା ଅସୀମ ହୋଇ ପାରିବ । ଜନସଂଖ୍ୟାକୁ ସସୀମ କୁହାଯାଏ ଯଦି ଏହା ଏକ ନିର୍ଦ୍ଧାରିତ ସଂଖ୍ୟା ବିଶିଷ୍ଟ ଉପାଦାନରେ ଗଠିତ ଯଦ୍ୱାରା ଏହାକୁ ମୋଟ୍ ଉପରେ ଗଣନା କରାଯାଇ ପାରିବ । ଯେମିତିକି ଏକ ସହରର ଜନସଂଖ୍ୟା, କାରଖାନାର କର୍ମଚାରୀ ଇତ୍ୟାଦି ସସୀମ ଜନସଂଖ୍ୟାର ଉଦାହରଣ । ପ୍ରତୀକ 'ଏନ୍' ସାଧାରଣତଃ ଏକ ସସୀମ ଜନସଂଖ୍ୟା ବାବଦରେ ଏଥିରେ ଥିବା ଉପାଦାନ (ବା ବସ୍ତୁ)ର ସଂଖ୍ୟାକୁ ଦର୍ଶାଇଥାଏ। ଏକ ଅସୀମ ଜନସଂଖ୍ୟା ହେଉଛି ସେହି ଜନସଂଖ୍ୟା ଯେଉଁଠାରେ ସମସ୍ତ ଉପାଦାନକୁ ଦେଖିବା ତାତ୍ତ୍ୱିକ ଭାବେ ଅସମ୍ଭବ। ଅତଃ ଏକ ଅସୀମ ଜନସଂଖ୍ୟାରେ ବସ୍ତୁଗୁଡ଼ିକର ସଂଖ୍ୟା ଅସୀମ ହୋଇଥାଏ ଯେମିତିକି ଆମେ ମୋଟ୍ ସଂଖ୍ୟକ ବସ୍ତୁ ସମ୍ପର୍କରେ କୌଣସି ଧାରଣା ପାଇ ନଥାଉ । ଆକାଶରେ ତାରାମାନଙ୍କର ସଂଖ୍ୟା, ପଶାଯୁଗଳର ସମ୍ଭାବ୍ୟ ଗଡ଼ାଣ ଆଦି ଅସୀମ ଜନସଂଖ୍ୟାର ଉଦାହରଣ।

### ଖ) ନମୁନା ସଂଗ୍ରହ ଢାଞ୍ଚା

ଯେଉଁ କ୍ଷେତ୍ରରେ ପ୍ରାଥମିକ ଏକକ ବା ଗୋଷ୍ଠୀ ବା ସେହିଭଳି ଏକକଗୁଡ଼ିକର ସମୂହ ନମୁନା ସଂଗ୍ରହର ଆଧାର ଗଠନ କରିଥାନ୍ତି, ସେଗୁଡ଼ିକୁ ନମୁନା ସଂଗ୍ରହ ଏକକ କୁହାଯାଏ । ଏହିଭଳି ସମସ୍ତ ନମୁନାସଂଗ୍ରହ ଏକକ ସମ୍ବଳିତ ଏକ ତାଲିକାକୁ ନମୁନା ସଂଗ୍ରହର ଢାଞ୍ଚା ଭାବେ ଜଣାଯାଏ । ଏଣୁ ନମୁନାସଂଗ୍ରହ ଢାଞ୍ଚା ନମୁନା ସଂଗ୍ରହ ହେବାକୁ ଥିବା ବସ୍ତୁଗୁଡ଼ିକର ତାଲିକା ଦ୍ୱାରା ଗଠିତ । ଯଦି ଜନସଂଖ୍ୟା ସସୀମ ଏବଂ ସମୟର ଅବଧି ବର୍ତ୍ତମାନ ବା ଅତୀତରେ ରହିଛି, ତେବେ ଢାଞ୍ଚା ଜନସଂଖ୍ୟା ସହ ସମାନ ହେବା ସମ୍ଭବ। ଅଧିକାଂଶ କ୍ଷେତ୍ରରେ ସେଗୁଡ଼ିକ ସମାନ ହୋଇ ନଥାନ୍ତି କାରଣ ବେଳେ ବେଳେ ଜନସଂଖ୍ୟାରୁ ସିଧାସଳଖ ନମୁନା ବାହାରକରିବା ଅସମ୍ଭବ ହୋଇଥାଏ । ଯେମିତିକି ଏହି ଢାଞ୍ଚା ଜଣେ ଅନୁସନ୍ଧାନୀଙ୍କ ଦ୍ୱାରା ତାଙ୍କର ଅଧ୍ୟୟନ ପାଇଁ ଗଠନ କରାଯାଇଥାଏ କିମ୍ବା ଏହା କେତେକ ପୂର୍ବରୁ ବିଦ୍ୟମାନ ଜନସଂଖ୍ୟାର ତାଲିକାକୁ ନେଇ ଗଠିତ ହୋଇଥାଏ। ଉଦାହରଣ ସ୍ୱରୂପ, ଜଣେ ଟେଲିଫୋନ୍ ଡିରେକ୍ଟୋରୀକୁ ଏକ ସହରରେ ମତାମତ ସର୍ବେକ୍ଷଣ କରିବା ନିମନ୍ତେ ଢାଞ୍ଚା ଭାବେ ବ୍ୟବହାର କରିପାରିବ। ଢାଞ୍ଚା ଯାହା ହେଉ ପଛେ ଏହା ଜନସଂଖ୍ୟାର ଉପଯୁକ୍ତ ଉପସ୍ଥାପନ ହେବା ଆବଶ୍ୟକ।

## ଗ)    ନମୁନା ସଂଗ୍ରହ ଡିଜାଇନ୍

ନମୁନା ଡିଜାଇନ୍ ହେଉଛି ନମୁନା ସଂଗ୍ରହ ଢାଞ୍ଚାରୁ ଏକ ନମୁନା ପ୍ରାପ୍ତ କରିବାର ସୁନିଶ୍ଚିତ ଯୋଜନା। ଏହା ଗବେଷଣାର କେତେକ ନମୁନା ସଂଗ୍ରହର ଏକକ ଯେଉଁଥିରୁ ଜନସଂଖ୍ୟା ସମ୍ପର୍କରେ ସୂଚନାର ଅବଧାରଣା କରିହେବ ତାହାର ଚୟନ ପାଇଁ ଗ୍ରହଣ କରିବାକୁ ଥିବା ପଦ୍ଧତି ବା କୌଶଳକୁ ବୁଝାଏ।

## ଘ)    ପରିସଂଖ୍ୟାନ ଏବଂ ମାପଦଣ୍ଡ

ଏକ ନମୁନାର ବୈଶିଷ୍ଟ୍ୟ ହେଉଛି ଏକ ପରିସଂଖ୍ୟାନ ଯେତେବେଳେ କି ମାପଦଣ୍ଡ ଜନସଂଖ୍ୟାର ଏକ ବୈଶିଷ୍ଟ୍ୟ ଅଟେ । ଏଣୁ, ଯେତେବେଳେ ଆମେ କିଛି ମାପକ ଯେମିତି ମାଧ୍ୟମାନ, ମଧ୍ୟମା ଏବଂ ଗରିଷ୍ଠକ ବା ସେହିଭଳି କିଛି ନମୁନାରୁ ବାହାର କରୁ ସେଗୁଡ଼ିକୁ ପରିସଂଖ୍ୟାନ କୁହାଯାଏ ଯାହା ନମୁନାର ବୈଶିଷ୍ଟ୍ୟକୁ ବର୍ଣ୍ଣନା କରିଥାଏ । କିନ୍ତୁ ଯେତେବେଳେ ଏପରି ମାପକଗୁଡ଼ିକ ଏକ ଜନସଂଖ୍ୟାର ବୈଶିଷ୍ଟ୍ୟକୁ ବର୍ଣ୍ଣନାକରେ ସେତେବେଳେ ତାହା ମାପଦଣ୍ଡ ଭାବେ ଜଣା ହୁଅନ୍ତି।

## ଙ)    ନମୁନା ତ୍ରୁଟି

ଏହା ହେଉଛି ମୋଟ ଜନସଂଖ୍ୟାର ମୂଲ୍ୟ ଏବଂ ନମୁନାର ମୂଲ୍ୟ ମଧ୍ୟରେ ପ୍ରଭେଦ ବା ଏହାକୁ 'ମୋଟ୍ ଜନସଂଖ୍ୟାର ବୈଶିଷ୍ଟ୍ୟ'କୁ ଆକଳନକାରୀ 'ନମୁନା ବୈଶିଷ୍ଟ୍ୟ'ର ସ୍ତର କୁହାଯାଇପାରେ।

ମନେକରାଯାଉ ବୟସ ସମ୍ବନ୍ଧୀୟ ଜନସଂଖ୍ୟାର ଏକ ମାପଦଣ୍ଡ ହାରାହାରି ବୟସ ୨୦ ବର୍ଷ। ବର୍ତ୍ତମାନ ମନେକରାଯାଉ ଆମେ ତିନିଟି ନମୁନା ସେହି ଜନସଂଖ୍ୟାରୁ ନେଇଛୁ ଏବଂ ଏହି ନମୁନାର (ସାଂଖ୍ୟିକ) ହାରାହାରି ବୟସ ହିସାବ କରିଛୁ। ପ୍ରଥମ ନମୁନାରେ ହାରାହାରି ବୟସ ୨୧ ବର୍ଷ, ଦ୍ୱିତୀୟରେ ୨୪ ଏବଂ ତୃତୀୟରେ ୨୬ ବର୍ଷ । ଅତଃ ପ୍ରଥମ ନମୁନାରେ ନମୁନା ତ୍ରୁଟି ଏକ ବର୍ଷ, ଦ୍ୱିତୀୟ ନମୁନାରେ ଚାରିବର୍ଷ ଏବଂ ତୃତୀୟଟିରେ ୬ ବର୍ଷ ହେବ ।

## ୨.୩.୩: ନମୁନା ସଂଗ୍ରହର ସୁବିଧା

ନମୁନା ସଂଗ୍ରହର ଅନେକ ସୁବିଧା ରହିଛି ଏବଂ ତନ୍ମଧ୍ୟରୁ କେତେକ ନିମ୍ନରେ ସୂଚୀତ।

୧. ବିସ୍ତୃତ ଭୌଗୋଳିକ କ୍ଷେତ୍ରରେ ବିକ୍ଷିପ୍ତ ଭାବେ ଥିବା ବିଶାଳ ଜନସଂଖ୍ୟାର ଅଧ୍ୟୟନ ସମ୍ଭବ ନୁହେଁ। ନମୁନା ସଂଗ୍ରହ ଏହି ସଂଖ୍ୟାକୁ ହ୍ରାସ କରିବ।
୨. ଏହା ସମୟ ଏବଂ ଅର୍ଥ ବଞ୍ଚାଇଥାଏ।
୩. ଏହା ଏକକଗୁଡ଼ିକର ବିନାଶକୁ ରକ୍ଷା କରିଥାଏ।
୪. ଏହା ତଥ୍ୟର ସଠିକତା ବୃଦ୍ଧି କରିଥାଏ (ଅଳ୍ପସଂଖ୍ୟକ ବିଷୟ ଉପରେ ନିୟନ୍ତ୍ରଣ ରଖି)
୫. ଏହା ଅଧିକ ପ୍ରତିକ୍ରିୟା ହାସଲ କରିଥାଏ।
୬. ଏହା ଉତ୍ତରଦାତାଙ୍କଠାରୁ ଅଧିକ ସହଯୋଗ ପାଇଥାଏ।
୭. ଏହା ନମୁନାରେ ଅଳ୍ପସଂଖ୍ୟକ ସାକ୍ଷାତକର୍ତ୍ତାଙ୍କୁ ତଦାରଖ କରିବାରେ ସହଜ ହୋଇଥାଏ କିନ୍ତୁ ମୋଟ୍ ଜନସଂଖ୍ୟାର ଅଧ୍ୟୟନରେ ଅଧିକ ସଂଖ୍ୟକ ସାକ୍ଷାତକର୍ତ୍ତାଙ୍କ ତଦାରଖ କରିବା କଷ୍ଟକର ହୋଇଥାଏ।
୮. ଅନୁସନ୍ଧାନକାରୀ ନିମ୍ନ ରୂପରେଖ ରଖିପାରିବେ

## ୨.୩.୪: ନମୁନା ଆକାର

## ୨.୩.୫: ନମୁନା ଆକାର ସମ୍ପର୍କରେ ବିଚାର

ଅନେକ ସମୟରେ ଗୋଟିଏ ପ୍ରଶ୍ନ ଉଠେ କି ଗୋଟିଏ ନମୁନାରେ କେତେ ବ୍ୟକ୍ତି ଅନ୍ତର୍ଭୁକ୍ତ ହେବା ଉଚିତ, ଯେମିତିକି ପ୍ରତିନିଧିତ୍ୱ ପାଇଁ ନମୁନାଟି କେତେ ବିଶାଳ ବା କ୍ଷୁଦ୍ର ହେବା ଉଚିତ ? କେତେକ କହନ୍ତି ପ୍ରାୟତଃ ସାଧାରଣ ଆକାର ହେଉଛି ମୋଟ୍ ଜନସଂଖ୍ୟାର ଏକ ଦଶାଂଶ। ଆଉ କେତେକ କହନ୍ତି ଏକ ସାଂଖ୍ୟିକ ସୂଚନାକୁ ଅନୁମତି ଦେବାପାଇଁ ଅନ୍ୟୂନ ୧୦୦ ବିଷୟର ଆବଶ୍ୟକତା ରହିଛି। ତେବେ ଏହି ଆକଳନ ଗୁଡ଼ିକ ସବୁବେଳେ ଠିକ ନୁହେଁ । ନମୁନାର ଆକାର ନିମ୍ନ ବିଚାର ଅନୁସାରେ ଆଧାରିତ ହେବାକୁ ହେବ:

୧. ଜନସଂଖ୍ୟାର ଆକାର ଯେମିତିକି ଅଧ୍ୟୟନ ହେବାକୁ ଥିବା ଜନସଂଖ୍ୟା ବହୁତ ବିଶାଳ, ବଡ଼ ବା ସାନ।

୨. ଜନସଂଖ୍ୟାର ପ୍ରକୃତି, ଯେମିତିକି ଜନସଂଖ୍ୟା ସମଧର୍ମୀ ହୋଇପାରେ । ପୂର୍ବରୁ ଏକ କ୍ଷୁଦ୍ର ନମୁନା ଯଥେଷ୍ଟ ହୋଇପାରେ କିନ୍ତୁ ପରେ ଏକ ବୃହତ୍ତର ନମୁନା ଆବଶ୍ୟକ।

୩. ଅଧ୍ୟୟନର ଉଦ୍ଦେଶ୍ୟ, ଯଥା ଅଧ୍ୟୟନଟି ବର୍ଣ୍ଣନାତ୍ମକ, ଅନୁସନ୍ଧାନମୂଳକ ବା ବ୍ୟାଖ୍ୟାନମୁଳକ ଅଟେ।

୪. ଅଧ୍ୟୟନଟି ଗୁଣାତ୍ମକ ବା ପରିମାଣାତ୍ମକ ଅଟେ। ଗୁଣାତ୍ମକ ଅଧ୍ୟୟନରେ ନମୁନାର ଆକାରକୁ ଜାଣିବା ପାଇଁ ସାଂଖ୍ୟିକ ସୀମାର ଅନୁସରଣ କରେ ନାହିଁ। ସେହିଭଳି ଯେତେବେଳେ ଉଦ୍ଦେଶ୍ୟମୂଳକଭାବେ ବା ଆକସ୍ମିକ ନମୁନାସଂଗ୍ରହ କରାଯାଏ, ଗବେଷକ ସ୍ୱୟଂ ଉତ୍ତରଦାତାଙ୍କ ପର୍ଯ୍ୟାପ୍ତ ସଂଖ୍ୟା ନିର୍ଣୟ କରନ୍ତି । ଏଭଳି କ୍ଷେତ୍ରରେ ପରିମାଣ ସାମାନ୍ୟକରଣ ପରିବର୍ତ୍ତେ ଗୁଣବତ୍ତାସହିତ ସମ୍ପୃକ୍ତ ହୋଇଥାଏ ।

୫. ଉପାଦାନଗୁଡ଼ିକର ପହଞ୍ଚ । ଅନେକ ସମୟରେ ଗବେଷକମାନଙ୍କ ସୁବିଧା ଓ ସ୍ଥାନର ସୁବିଧାନୁସାରେ ଉତ୍ତରଦାତାମାନଙ୍କୁ ଯୋଗାଯୋଗ କରିବା କଷ୍ଟକର ହୋଇଥାଏ।

୬. ଉପାଦାନଗୁଡ଼ିକ ହାସଲ କରିବାର ମୂଲ୍ୟ । ଅଧିକ ଉତ୍ସରେ, ପର୍ଯ୍ୟାପ୍ତ ସଂଖ୍ୟାର ଅନୁସନ୍ଧାନକାରୀ ନିଯୁକ୍ତ ହୋଇପାରିବେ ଏବଂ ବିଶାଳ ନମୁନାକୁ ବିଚାର କରାଯାଇ ପାରିବ।

୭. ବିବିଧତା ଆବଶ୍ୟକ । ବେଳେବେଳେ ଆବଶ୍ୟକ ଉତ୍ତରଦାତାଗଣଙ୍କୁ ବିଭିନ୍ନ ଗୋଷ୍ଠୀର ବ୍ୟକ୍ତି ହେବାକୁ ପଡ଼ିବ । ଉଦାହରଣ ସ୍ୱରୂପ ଭିନ୍ନ ବୟସ ବର୍ଗ, ଭିନ୍ନ ଆୟ ବର୍ଗ, ଭିନ୍ନ ଶୈକ୍ଷିକ ପୃଷ୍ଠଭୂମି, ଭିନ୍ନ ବୃତ୍ତି ଏବଂ ଅନ୍ୟାନ୍ୟ ।

୮. ଇପ୍‌ସିତ ସଠିକତା ବା ଆତ୍ମବିଶ୍ୱାସ ସ୍ତର। ସଠିକତାର ଉଚ୍ଚ ସ୍ତର ପାଇଁ ବିଶାଳ ନମୁନା ଗ୍ରହଣକରିବା ଆବଶ୍ୟକ। ଜଣକୁ ସେହି ସ୍ତର ବିଷୟରେ ଚିନ୍ତାକରିବାକୁ ହେବ ଯାହା ତାଙ୍କୁ ଆତ୍ମବିଶ୍ୱାସୀ କରିବ କି ତାଙ୍କର ନମୁନା ସମୁଚିତ ପ୍ରତିନିଧିତ୍ୱ କରୁଛି।

୯. ନମୁନା ସଂଗ୍ରହ ତ୍ରୁଟି ବା ଇପ୍‌ସିତ ସଙ୍କଟର ସ୍ତର। ନମୁନା ତ୍ରୁଟି ଯେତେ କମ୍ ହେବ ଏହାର ପ୍ରତିନିଧିତ୍ୱ ସେତେ ଅଧିକ ହେବ।

ଉଦାହରଣ ସ୍ୱରୂପ ପିତାମାତା (ଯାହାଙ୍କ ପିଲାମାନେ ବିଦ୍ୟାଳୟରେ ପଢୁଥିବା ବୟସର) ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ ଇଂରାଜୀ ମାଧ୍ୟମ ବେସରକାରୀ ବା ସରକାରୀ ବିଦ୍ୟାଳୟକୁ ପଠାଇବାକୁ ଚାହୁଁଛନ୍ତି । ଯଦି ଅଧ୍ୟୟନ କରାଯିବାକୁ ଥିବା ଅଞ୍ଚଳର ପିତାମାତାମାନଙ୍କ ହାରାହାରି ପାରିବାରିକ ଆୟ ୪୦,୦୦୦ ଟଙ୍କା ହୁଏ ତେବେ ଗବେଷକ ନିଶ୍ଚିତ କରିବା ଉଚିତ ଯେ ତାଙ୍କର ନମୁନାଗୁଡ଼ିକର ଯଥା ସମ୍ଭବ ହାରାହାରି ଆୟ ୪୦,୦୦୦ ଟଙ୍କା ପାଖାପାଖି ହେବ । ତ୍ରୁଟିର ପ୍ରତିଶତ ଯେତେ କମ୍ ହେବ, ଚୟନ କରାଯାଇଥିବା ନମୁନା ଜରିଆରେ ପ୍ରମାଣ କରିବାର ସୁଯୋଗ ସେତେ ଅଧିକ ରହିବ ଯେ ଆୟ ହେଉଛି ଏକ କାରକ ଯାହା ପିତାମାତାଙ୍କ ପସନ୍ଦକୁ ପ୍ରଭାବିତ କରେ।

୧୦. ସ୍ତରୀକରଣ, ଅର୍ଥାତ୍ ତଥ୍ୟ ବିଶ୍ଳେଷଣ ସମୟରେ ନମୁନାକୁ କେତେଥର ଉପବିଭାଜିତ କରିବାକୁ ହେବ। ଏହା ଉପବିଭାଜନର ପର୍ଯ୍ୟାପ୍ତ ଆକାର ନିଶ୍ଚିତ କରେ । ସ୍ତରୀକୃତ ନମୁନାସଂଗ୍ରହରେ, ଗବେଷକ ଜନସଂଖ୍ୟାନୁସାରେ ବୈଶିଷ୍ଟ୍ୟକୁ ନମୁନା ଗ୍ରହଣ କରିବା ଉଚିତ। ନିଜ ପିଲାମାନଙ୍କୁ ବେସରକାରୀ ଅଥବା ସରକାରୀ ବିଦ୍ୟାଳୟକୁ ପଠାଇବାକୁ ଚାହୁଁଥିବା ପିତାମାତାଙ୍କ ଅଧ୍ୟୟନରେ ଯଦି ସେମାନଙ୍କର ମୋଟ୍ ଜନସଂଖ୍ୟାର ୭୫ ପ୍ରତିଶତଙ୍କର ବାର୍ଷିକ ଆୟ ୪୦,୦୦୦ଟଙ୍କାରୁ ଊର୍ଦ୍ଧ୍ୱ ଏବଂ ୨୫ ପ୍ରତିଶତଙ୍କର ୪୦,୦୦୦ ଟଙ୍କାରୁ କମ୍ ହୁଏ, ତେବେ ଗବେଷକଙ୍କୁ ତାଙ୍କର ନମୁନାରେ ମଧ୍ୟ ସେହିଭଳି ଆୟଗତ ବିଭାଜନ ଥିବା ନିଶ୍ଚିତ ହେବା ଉଚିତ।

**୨.୩.୬: ନମୁନାର ଆକାର ପାଇଁ ଗାଣିତିକ ସୂତ୍ର**

କେତେକ ପଣ୍ଡିତଙ୍କର ପ୍ରସ୍ତାବିତ ଗାଣିତିକ ସୂତ୍ର ନମୁନାର ଆକାର ନିର୍ଣ୍ଣୟ ପାଇଁ ରହିଛି।

ଉଦାହରଣ, ତାରା ୟାମାନେ (୧୯୭୦) ନିମ୍ନ ସୂତ୍ର ପ୍ରଦାନ କରିଛନ୍ତି

$$n=\frac{N}{1+n(e)^2}$$

ଯେଉଁଠି N ହେଉଛି ମୋଟ୍ ଜନସଂଖ୍ୟା ଏବଂ 'e' ହେଉଛି ତ୍ରୁଟି ବା ଆତ୍ମବିଶ୍ୱାସର ସ୍ତର।

ଫିଙ୍କ୍ ଏବଂ କୋସେକଫ୍ (୧୯୯୫) ନମୁନାର ଆକାର ନିର୍ଣ୍ଣୟ ପାଇଁ ନିମ୍ନ ସୂତ୍ର ଉପସ୍ଥାପନ କରିଛନ୍ତି:

$N=(Z/e)^2\ (-p)$

ଯେଉଁଠି N ହେଉଛି ନମୁନାର ଆକାର, Z ହେଉଛି ପ୍ରଦତ୍ତ ଆତ୍ମବିଶ୍ୱାସ ସ୍ତର ଅନୁରୂପ ମାନକ ଅଙ୍କ, e ହେଉଛି ନମୁନା ତ୍ରୁଟିର ଅନୁପାତ ଏବଂ p ହେଉଛି ଘଟିତ ମାମଲାଗୁଡ଼ିକର ଆକଳିତ ଅନୁପାତ।

**୨.୩.୭: ନମୁନା ସଂଗ୍ରହର ପ୍ରକାର ଭେଦ**

ସାଧାରଣତଃ ଦୁଇପ୍ରକାର ନମୁନା ସଂଗ୍ରହ ପ୍ରକ୍ରିୟା ରହିଛି: ସମ୍ଭାବ୍ୟ ନମୁନା ସଂଗ୍ରହ ଏବଂ ଅସମ୍ଭବ୍ୟ ନମୁନା ସଂଗ୍ରହ। ସମ୍ଭବ୍ୟ ନମୁନା ସଂଗ୍ରହରେ ଜନସଂଖ୍ୟାର ପ୍ରତ୍ୟେକ ଏକକର ନମୁନା ଭାବେ ଚୟନ ହେବାର ସମାନ ସମ୍ଭାବନା ରହିଛି । ଏହା ପ୍ରତିନିଧିତ୍ୱର ସର୍ବାଧିକ ସ୍ତର ପ୍ରଦାନ କରିଥାଏ । ତେବେ ଏହି ପଦ୍ଧତି

ବ୍ୟୟବହୁଳ, ସମୟସାପେକ୍ଷ ଏବଂ ଅପେକ୍ଷାକୃତ ଜଟିଳ ଯେହେତୁ ଏହା ବିଶାଳ ନମୁନା ଆକାର ଆବଶ୍ୟକ କରେ ଏବଂ ଚୟନ ହୋଇଥିବା ଏକକଗୁଡ଼ିକ ପ୍ରାୟତଃ ବିସ୍ତାରିତ ଭାବେ ବିକ୍ଷିପ୍ତ। ଅସମ୍ଭବ୍ୟ ନମୁନା ସଂଗ୍ରହ ପ୍ରତିନିଧିତ୍ୱର କୌଣସି ଦାବି କରେନାହିଁ, ଯେହେତୁ ଏହାର ପ୍ରତ୍ୟେକ ଏକକ ଚୟନ ହେବା ପାଇଁ ସୁଯୋଗ ପାଏ ନାହିଁ । କେଉଁ ନମୁନା ଏକକ ଚୟନ ହେବା ଉଚିତ ତାହା ଗବେଷକ ନିଷ୍ପତ୍ତି କରନ୍ତି।

## କ) ସମ୍ଭାବ୍ୟ ନମୁନା ସଂଗ୍ରହ

ଆଜି ସମ୍ଭାବ୍ୟ ନମୁନା ସଂଗ୍ରହ ସାମାଜିକ ବିଜ୍ଞାନ ଏବଂ ବ୍ୟବସାୟ ଅନୁସନ୍ଧାନ ପାଇଁ ବିଶାଳ ନମୁନା ପ୍ରତିନିଧି ଚୟନ ନିମନ୍ତେ ପ୍ରାଥମିକ ପଦ୍ଧତି ହୋଇ ରହିଛି। ବ୍ଲାକ୍ ଏବଂ ଚାମ୍ପିଅନ (୧୯୭୬)ଙ୍କ ଅନୁସାରେ ସମ୍ଭାବ୍ୟ ନମୁନା ସଂଗ୍ରହ ନିମ୍ନ ସର୍ତ୍ତାବଳୀ ପୂରଣ ଆବଶ୍ୟକ କରିଥାଏ:

୧) ଅଧ୍ୟୟନ ନିମନ୍ତେ ବିଷୟଗୁଡ଼ିକର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ

୨) ଜଗତର ଆକାର ଜଣାଥିବା ଆବଶ୍ୟକ

୩) ଇପ୍‌ସିତ ନମୁନା ଆକାର ନିଶ୍ଚିତ ଭାବେ ଉଲ୍ଲିଖିତ ହେବ, ଏବଂ

୪) ପ୍ରତ୍ୟେକ ଉପାଦାନର ଚୟନ ହେବା ପାଇଁ ନିଶ୍ଚିତ ଭାବେ ସମାନ ସୁଯୋଗ ରହିବ।

ସମ୍ଭାବ୍ୟ ନମୁନା ସଂଗ୍ରହର ୬ଟି ସ୍ୱରୂପ ହେଲା: ସରଳ ଅନିୟମିତ, ସ୍ତରୀକୃତ ଅନିୟମିତ, ବ୍ୟବସ୍ଥିତ (ବା ଅନ୍ତରାଳ), ଗୋଷ୍ଠୀ, ବହୁ ସ୍ଥିତି ଏବଂ ବହୁ ପର୍ଯ୍ୟାୟ

### ୧) ସରଳ ଅନିୟମିତ ନମୁନା ସଂଗ୍ରହ

ଏହି ନମୁନା ସଂଗ୍ରହରେ, ନମୁନା ଏକକଗୁଡ଼ିକ ପଦ୍ଧତିର ସଂଖ୍ୟା ଯେପରିକି ଲଟେରୀ ପଦ୍ଧତି, ଅନ୍ଧ ଗୁଳା ଉଠାଣ, ଟିପ୍ପେର୍ଟଙ୍କ ସାରଣୀ, କମ୍ପ୍ୟୁଟର, ବ୍ୟକ୍ତିଗତ ପରିଚୟ ଅଙ୍କ (ପିଆଇଏନ୍) କିମ୍ବା ପ୍ରଥମ ଅକ୍ଷର ଅନୁସାରେ ଚୟନ ହୋଇଥାଏ।

### ୨) ସ୍ତରୀକୃତ ଅନିୟମିତ ନମୁନା ସଂଗ୍ରହ

ଏହି ପ୍ରକାର ନମୁନା ସଂଗ୍ରହରେ ଜନସଂଖ୍ୟା ଏକାଧିକ ସ୍ତର ବା ଉପ ଗୋଷ୍ଠୀରେ ବିଭାଜିତ ହୋଇଥାଏ ଏବଂ ପ୍ରତି ସ୍ତରରୁ ନମୁନା ସଂଗ୍ରହ କରାଯାଇଥାଏ । ଏହି ଉପନମୁନାଗୁଡ଼ିକ ଅଧ୍ୟୟନ ପାଇଁ ଅନ୍ତିମ ନମୁନା ପ୍ରସ୍ତୁତ କରିଥାନ୍ତି । ଏହା "ଜନସଂଖ୍ୟାକୁ ସମଜାତୀୟ ସ୍ତର ଭାବେ ବିଭାଜିତ କରିବାରେ ଏବଂ ପରେ ପ୍ରତି ସ୍ତରରୁ ନମୁନାକୁ ସରଳ ଅନିୟମିତ ଚୟନ କରିବାରେ ସଂଶ୍ଲିଷ୍ଟ" ଭାବେ ପରିଭାଷିତ । ସମଜାତୀୟ ସ୍ତରରେ ଜନସଂଖ୍ୟାର ବିଭାଜନ ଏକ ବା ତତୋଧିକ ମାନଦଣ୍ଡ ଉପରେ ଆଧାରିତ, ଯଥା- ଲିଙ୍ଗ, ବୟସ, ବର୍ଗ, ଶୈକ୍ଷିକ ସ୍ତର, ବସତିଗତ ପୃଷ୍ଠଭୂମି, ପରିବାରର ପ୍ରକାର, ଧର୍ମ, ବୃତ୍ତି ଏବଂ ଆହୁରି ଅନେକ।

### ୩) ବ୍ୟବସ୍ଥିତ (ବା ଅନ୍ତରାଳ) ନମୁନାସଂଗ୍ରହ

ଏହି ନମୁନା ସଂଗ୍ରହ ପ୍ରକ୍ରିୟା ଏକ ପୂର୍ବ ନିର୍ଦ୍ଧାରିତ ବ୍ୟକ୍ତିଙ୍କ ତାଲିକାରୁ ପ୍ରତ୍ୟେକ n ତମ ବ୍ୟକ୍ତିଙ୍କୁ ନେଇ ଉପାଦାନ ସମୂହରୁ ନିଆଯାଇଥାଏ।

ସରଳ ଶବ୍ଦରେ କହିଲେ, ଏହା ପ୍ରଥମେ ପ୍ରଥମ ଉତ୍ତରଦାତା ଏବଂ ପରେ ପରକୁ ପର ପ୍ରତ୍ୟେକ ଭ ତମ ବ୍ୟକ୍ତିଙ୍କୁ ଅନିୟମିତ ଭାବେ ଚୟନିତ କରିବା; ଭ ହେଉଛି ଏକ ସଂଖ୍ୟା ଯାହାକୁ ନମୁନା ସଂଗ୍ରହର ଅନ୍ତରାଳ କୁହାଯାଏ ।

### ୪) ଗୋଷ୍ଠୀ ବା କ୍ଲଷ୍ଟର ନମୁନାସଂଗ୍ରହ

ଏହା ଜନସଂଖ୍ୟାକୁ ଗୋଷ୍ଠୀ ବା କ୍ଲଷ୍ଟରରେ ବିଭାଜନ କରିବା ଏବଂ ସମସ୍ତ କ୍ଲଷ୍ଟରରୁ ବା ଚୟନିତ କ୍ଲଷ୍ଟରରୁ ଅନିୟମିତ ନମୁନା ସଂଗ୍ରହ କରିବାକୁ ବୁଝାଏ । ଏହି ପଦ୍ଧତି ସେତେବେଳେ ବ୍ୟବହାର କରାଯାଏ ଯେତେବେଳେ (କ) ଅଧ୍ୟୟନ ପାଇଁ କ୍ଲଷ୍ଟରର ମାନଦଣ୍ଡ ଦୃଷ୍ଟାନ୍ତମୂଳକ ହୋଇଥାଏ ଏବଂ (ଖ) ଆର୍ଥିକ ବିଚାର ଦୃଷ୍ଟାନ୍ତମୂଳକ ହୋଇଥାଏ।

ପ୍ରାରମ୍ଭିକ କ୍ଲଷ୍ଟର ଗୁଡ଼ିକୁ ପ୍ରାଥମିକ ନମୁନା ଏକକ କୁହାଯାଏ; ପ୍ରାଥମିକ କ୍ଲଷ୍ଟର ଅନ୍ତର୍ଭୁକ୍ତ କ୍ଲଷ୍ଟରଗୁଡ଼ିକୁ ମାଧ୍ୟମିକ ନମୁନା ଏକକ କୁହାଯାଏ; ଏବଂ ମାଧ୍ୟମିକ କ୍ଲଷ୍ଟର ଅନ୍ତର୍ଗତ କ୍ଲଷ୍ଟରଗୁଡ଼ିକୁ ବହୁ ସ୍ଥିତି କ୍ଲଷ୍ଟର କୁହାଯାଏ । କ୍ଲଷ୍ଟରଗୁଡ଼ିକ ଭୌଗୋଳିକ ଏକକ ହେଲେ, ଏହାକୁ କ୍ଷେତ୍ରୀୟ ନମୁନା କୁହାଯାଏ । ଉଦାହରଣ ସ୍ୱରୂପ ଗୋଟିଏ ସହରକୁ ବିଭିନ୍ନ ୱାର୍ଡରେ, ପ୍ରତି ୱାର୍ଡକୁ କ୍ଷେତ୍ରରେ, ପ୍ରତି କ୍ଷେତ୍ରକୁ ପ୍ରତିବେଶୀ ଏବଂ ପ୍ରତି ପ୍ରତିବେଶୀକୁ ଗଳିରେ ବିଭାଜିତ କରିବା।

### ୫) ବହୁ ସ୍ଥିତି ନମୁନା ସଂଗ୍ରହ

ଏହି ପଦ୍ଧତିରେ, ନମୁନା ସଂଗ୍ରହ ବିଭିନ୍ନ ସ୍ଥିତିରେ ଚୟନ କରାଯାଇଥାଏ କିନ୍ତୁ ବିଷୟର କେବଳ ଶେଷ ନମୁନାକୁ ଅଧ୍ୟୟନ କରାଯାଇଥାଏ। ଉଦାହରଣ ସ୍ୱରୂପ ଗ୍ରାମରେ ପଞ୍ଚାୟତ ବ୍ୟବସ୍ଥାକୁ ଅଧ୍ୟୟନ କରିବାପାଇଁ, ଭାରତ ଜୋନ୍ (ଯେମିତିକି ଚାରିଟି ଜୋନ୍, ଯଥା- ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ)ରେ ବିଭକ୍ତ, ପ୍ରତି ଜୋନ୍‌ରୁ ଗୋଟିଏ ରାଜ୍ୟ (ଯେମିତିକି ପଞ୍ଜାବ, ରାଜସ୍ଥାନ, ଆନ୍ଧ୍ର ପ୍ରଦେଶ ଏବଂ ଆସାମ୍)ଚୟନ କରାଯାଇଛି, ପ୍ରତି ରାଜ୍ୟରୁ ଗୋଟିଏ ଜିଲ୍ଲା ଚୟନ କରାଯାଇଛି, ପ୍ରତି ଜିଲ୍ଲାରୁ ଗୋଟିଏ ବ୍ଲକ୍ ଚୟନ କରାଯାଇଛି, ଏବଂ ପ୍ରତି ବ୍ଲକ୍‌ରୁ ତିନିଟି ଜିଲ୍ଲା ଚୟନ କରାଯାଇଛି । ଏହା ଆମକୁ ଭାରତର ବିଭିନ୍ନ ପ୍ରାନ୍ତରେ ପଞ୍ଚାୟତି ବ୍ୟବସ୍ଥାର କାର୍ଯ୍ୟକାରିତାକୁ ତୁଳନା କରିବାରେ ସାହାଯ୍ୟ କରିବ।

### ୬) ବହୁ ପର୍ଯ୍ୟାୟ ନମୁନା ସଂଗ୍ରହ

ଏହି ପ୍ରକାର ନମୁନା ସଂଗ୍ରହ ବହୁ ସ୍ଥିତି ନମୁନା ସଂଗ୍ରହ ସହ ସମାନ ଯେପରିକି ସ୍ୱରୂପ ପ୍ରାଥମିକ ଚୟନ, ମାଧ୍ୟମିକ ଚୟନ ଇତ୍ୟାଦି। ତେବେ ଏକ ବହୁ ପର୍ଯ୍ୟାୟ ନମୁନା ସଂଗ୍ରହ ପଦ୍ଧତିରେ ପ୍ରତିଟି ନମୁନାର ପର୍ଯ୍ୟାପ୍ତ ଅଧ୍ୟୟନ ଅନ୍ୟ ଏକ ନମୁନା ସଂଗ୍ରହ ପୂର୍ବରୁ ହୋଇଥାଏ । ପରିଣାମ ସ୍ୱରୂପ, ବହୁ ସ୍ଥିତି ନମୁନା ସଂଗ୍ରହରେ କେବଳ ଅନ୍ତିମ ନମୁନାର ଅଧ୍ୟୟନ ହେଉଥିବାବେଳେ ବହୁ ପର୍ଯ୍ୟାୟ ନମୁନା ସଂଗ୍ରହରେ ସମସ୍ତ ନମୁନାଗୁଡ଼ିକର ଅନୁସନ୍ଧାନ ହୋଇଥାଏ । ଏହା ଅନ୍ୟ ପଦ୍ଧତିଗୁଡ଼ିକ ଉପରେ ଗୋଟିଏ ସୁବିଧା ପ୍ରଦାନ କରିଥାଏ କାରଣ ପ୍ରତି ପର୍ଯ୍ୟାୟରୁ ସଂଗୃହୀତ ସୂଚନା ଗବେଷକଙ୍କୁ ଅଧିକ ଯଥାର୍ଥ ଏବଂ ପ୍ରତିନିଧିତ୍ୱକାରୀ ନମୂନା ଚୟନ କରିବାରେ ସାହାଯ୍ୟ କରିଥାଏ।

ODISHA STATE OPEN UNIVERSITY, SAMBALPUR

## ଖ) ଅସମ୍ଭବ ନମୁନା ସଂଗ୍ରହ

ଅନେକ ଅନୁସନ୍ଧାନ ସ୍ଥିତିରେ, ବିଶେଷତଃ ଯେଉଁଠି ଅଧ୍ୟୟନ ପାଇଁ ବ୍ୟକ୍ତିଙ୍କ ତାଲିକା ନ ଥାଏ (ଉଦାହରଣ ପତ୍ନୀ ନିର୍ଯାତନା, ବିଧବା, ମାରୁତି କାର୍ ମାଲିକ, ଏକ ନିର୍ଦ୍ଦିଷ୍ଟ ପ୍ରକାର ଡିଟର୍ଜେଣ୍ଟ ପାଉଡରର ଉପଭୋକ୍ତା, ମଦ୍ୟପ, ଦାଦନ ଶ୍ରମିକ ଇତ୍ୟାଦି), ସମ୍ଭାବ୍ୟ ନମୁନା ସଂଗ୍ରହ କଷ୍ଟକର ଏବଂ ବ୍ୟବହାର ଅନୁପଯୋଗୀ। ଏପରି ଅନୁସନ୍ଧାନରେ, ଅସମ୍ଭାବ୍ୟ ନମୁନା ସଂଗ୍ରହ ସର୍ବଥା ଉପଯୁକ୍ତ।

ଅସମ୍ଭାବ୍ୟ ନମୁନା ସଂଗ୍ରହ ପଦ୍ଧତି ସମ୍ଭାବ୍ୟତା ସିଦ୍ଧାନ୍ତର ନିୟମର ନିୟୋଜନ କରେନାହିଁ, ପ୍ରତିନିଧିତ୍ୱ ଦାବି କରେନାହିଁ, ଏବଂ ସାଧାରଣତଃ ଗୁଣବତ୍ତାଯୁକ୍ତ ଅନୁସନ୍ଧାନସାପେକ୍ଷ ବିଶ୍ଳେଷଣ ପାଇଁ ବ୍ୟବହୃତ। ଅସମ୍ଭାବ୍ୟ ନମୁନା ସଂଗ୍ରହର ପାଞ୍ଚଟି ପ୍ରକାର ହେଉଛି: ସୁବିଧାଜନକ, ଉଦ୍ଦେଶ୍ୟମୂଳକ, କୋଟା, ସ୍ନୋବଲ୍ ଏବଂ ସ୍ୱେଚ୍ଛାକୃତ।

### କ) ସୁବିଧାଜନକ ନମୁନା ସଂଗ୍ରହ

ଏହା 'ଆକସ୍ମିକ' ବା 'କ୍ରମହୀନ' ନମୁନା ସଂଗ୍ରହ ଭାବେ ଜଣାଯାଏ । ଏହି ନମୁନା ସଂଗ୍ରହରେ ଗବେଷକ ସେହି ସମସ୍ତ ବ୍ୟକ୍ତିଙ୍କର ଅଧ୍ୟୟନ କରିଥାଏ ଯେଉଁମାନେ ସହଜରେ ଉପଲବ୍ଧ ବା ଯିଏ ଆକସ୍ମିକ ଭାବେ ଅନୁସନ୍ଧାନର ଏକ ନିର୍ଦ୍ଦିଷ୍ଟ ସମୟାବଧିରେ ଯୋଗାଯୋଗରେ ଆସିଥାଆନ୍ତି।

ସୁବିଧାଜନକ ନମୁନାର ସବୁଠାରୁ ସ୍ୱାଭାବିକ ସୁବିଧା ହେଉଛି ଏହା ଶୀଘ୍ର ଏବଂ ଶସ୍ତା। କିନ୍ତୁ ଏହା ଅତ୍ୟନ୍ତ ପକ୍ଷପାତିତାପୂର୍ଣ୍ଣ ନମୁନା ହୋଇପାରେ। ପକ୍ଷପାତିତାର ସମ୍ଭାବ୍ୟ ସୂତ୍ରଗୁଡ଼ିକ ଯଥା (୧) ଉତ୍ତରଦାତାଙ୍କର ସାକ୍ଷାତକର୍ତ୍ତାଙ୍କୁ ସେବା ପ୍ରଦାନରେ ନିହିତ ସ୍ୱାର୍ଥ ଥାଇପାରେ, ଏବଂ (୨) ଉତ୍ତରଦାତା ସେଇମାନେ ହୋଇପାରନ୍ତି ଯେଉଁମାନେ କୁହାଳିଆ ଏବଂ ବାହାଦୁରୀ ନେବାକୁ ଇଚ୍ଛୁକ ଆଦି ହୋଇ ପାରିବ। ସୁବିଧାଜନକ ନମୁନାଗୁଡ଼ିକ ଅନୁସନ୍ଧାନମୂଳକ ଗବେଷଣା ପାଇଁ ଉତ୍ତମ ରୂପେ ବ୍ୟବହୃତ ଯେତେବେଳେ ଏକ ସମ୍ଭାବ୍ୟ ନମୁନାରେ ଅତିରିକ୍ତ ଅନୁସନ୍ଧାନ କରାଯିବ।

### ଖ) ଉଦ୍ଦେଶ୍ୟମୂଳକ ନମୁନା ସଂଗ୍ରହ

ବିଚାରଣୀୟ ନମୁନା ସଂଗ୍ରହ ଭାବେ ମଧ୍ୟ ଜଣାଶୁଣା ଏହି ନମୁନା ସଂଗ୍ରହ ପଦ୍ଧତିରେ ଗବେଷକ ଉଦ୍ଦେଶ୍ୟମୂଳକ ଭାବେ ସେହି ବ୍ୟକ୍ତିମାନଙ୍କୁ ଚୟନ କରନ୍ତି ଯେଉଁମାନେ ତାଙ୍କ ବିଚାରରେ ନମୁନା ସଦସ୍ୟର କିଛି ଯଥାର୍ଥ ବୈଶିଷ୍ଟ୍ୟ ସମ୍ପର୍କରେ ଆବଶ୍ୟକ, ବିଷୟର ଅନୁସନ୍ଧାନ ପାଇଁ ଉପଯୁକ୍ତ ଏବଂ ସହଜରେ ଉପଲବ୍ଧ । ଉଦାହରଣ ସ୍ୱରୂପ, ମନେକର ଜଣେ ଗବେଷକ ଭିକ୍ଷୁକମାନଙ୍କର ଅଧ୍ୟୟନ କରିବାକୁ ଚାହୁଁଛନ୍ତି। ସେ ଜାଣନ୍ତି ସହରର ତିନିଟି ଅଞ୍ଚଳରେ ଭିକ୍ଷୁକମାନେ ବହୁ ସଂଖ୍ୟାରେ ମିଳିବେ । କେବଳ ଏହି ତିନିଟି ସ୍ଥାନର ପରିଦର୍ଶନ କରାଯିବ ଏବଂ ଗବେଷକଙ୍କ ପସନ୍ଦ ମୁତାବକ ଭିକ୍ଷୁକମାନଙ୍କର ସାକ୍ଷାତକାର ନିଆଯିବ।

### ଗ) କୋଟା ନମୁନା ସଂଗ୍ରହ

ଏହା ସ୍ତରୀକୃତ ନମୁନାର ଏକ ସଂସ୍କରଣ ଯେଉଁଥିରେ ପ୍ରଭେଦ ହେଉଛି ଜନସଂଖ୍ୟାକୁ ସ୍ତରରେ ବିଭାଜିତ ନକରି ଏବଂ କ୍ରମହୀନ ଭାବେ ଉତ୍ତରଦାତାଙ୍କ ଚୟନ ନକରି, ଏହା ଗବେଷକଙ୍କ ଦ୍ୱାରା ନିର୍ଦ୍ଧାରିତ କୋଟା ଅନୁସାରେ କାର୍ଯ୍ୟକରିଥାଏ ।

କୋଟା ନିର୍ଣ୍ଣୟ ଅନୁସନ୍ଧାନର ପ୍ରକୃତି ଓ ପ୍ରକାର ସହ ସମ୍ପର୍କିତ ଏକାଧିକ କାରଣ ଉପରେ ନିର୍ଭରଶୀଳ। କୋଟା ମଧ୍ୟ ସମୁଦାୟ ଜନସଂଖ୍ୟାରେ ସେମାନଙ୍କର ଅନୁପାତ ଅନୁସାରେ ନିର୍ଦ୍ଧାରିତ ହୋଇ ପାରିବ। କୋଟା ନମୁନା ସଂଗ୍ରହର ସୁବିଧାଗୁଡ଼ିକ ହେଲା: (୧) ଏହା ଅନ୍ୟ କୌଶଳ ତୁଳନାରେ କମ୍ ବ୍ୟୟସାପେକ୍ଷ। (୨) ଏହା ନମୁନା ସଂଗ୍ରହର ଡାଞ୍ଚା ଆବଶ୍ୟକ କରେନାହିଁ । (୩) ଏହା ତୁଳନାତ୍ମକ ଭାବେ ପ୍ରଭାବଶାଳୀ। (୪) ଏହା ଖୁବ୍ କମ୍ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇପାରିବ। ଏହାର ମଧ୍ୟ କେତେକ ସୀମା ରହିଛି। (୧) ଏହା ପ୍ରତିନିଧିମୂଳକ ନୁହେଁ। (୨) ଏହାର ଚୟନରେ ସାକ୍ଷାତକର୍ତ୍ତାଙ୍କ ପକ୍ଷପାତିତା ରହିଛି। (୩) ନମୁନା ସଂଗ୍ରହ ତ୍ରୁଟିର ଆକଳନ ସମ୍ଭବପର ନୁହେଁ । (୪) କ୍ଷେତ୍ରୀୟକାର୍ଯ୍ୟର ଦୃଢ଼ ନିୟନ୍ତ୍ରଣ କଷ୍ଟସାଧ୍ୟ।

**ଘ) ସ୍ନୋବଲ୍ ନମୁନା ସଂଗ୍ରହ**

ଏହି ପଦ୍ଧତିରେ ଗବେଷକ ଅଳ୍ପ କେତେକ ଉତ୍ତରଦାତାଙ୍କୁ ନେଇ ଅନୁସନ୍ଧାନ ଆରମ୍ଭ କରନ୍ତି ଯେଉଁମାନେ ଜଣାଶୁଣା ଏବଂ ଉପଲବ୍ଧ । ପରେ, ଏହି ଉତ୍ତରଦାତା ଅନୁସନ୍ଧାନର ମାନଦଣ୍ଡକୁ ପୂରଣ କରୁଥିବା ଅନ୍ୟମାନଙ୍କ ନାମ ଦେଇ ଥାଆନ୍ତି, ଯେଉଁମାନେ ପରେ ଆହୁରି ଅଧିକ ନାମ ଦେଇଥାଆନ୍ତି । ଏହି ପ୍ରକ୍ରିୟା ସେପର୍ଯ୍ୟନ୍ତ ଚାଲୁ ରହେ ଯେ ପର୍ଯ୍ୟନ୍ତ 'ପର୍ଯ୍ୟାପ୍ତ' ସଂଖ୍ୟକ ବ୍ୟକ୍ତିମାନଙ୍କର ସାକ୍ଷାତକାର ନ ହୋଇଛି ବା ଆଉ ଉତ୍ତରଦାତା ମିଳି ନାହାନ୍ତି।

ଏହି ପଦ୍ଧତି ସେତେବେଳେ ନିୟୋଜିତ ହୁଏ ଯେବେ ଲକ୍ଷିତ ଜନସଂଖ୍ୟା ଅଜଣା ବା ଯେତେବେଳେ ଉତ୍ତରଦାତାଙ୍କୁ ଅନ୍ୟ କୌଣସି ଉପାୟରେ ପାଇବା କଷ୍ଟକର ହୁଏ। କମ୍ ନମୁନା ଆକାର ଏବଂ ଖର୍ଚ୍ଚ ମୂଲ୍ୟ ହେଉଛି ସ୍ନୋବଲ୍ ନମୁନା ସଂଗ୍ରହର ସ୍ପଷ୍ଟ ସୁବିଧା। ପକ୍ଷପାତିତା ପ୍ରବେଶ କରେ କାରଣ ଅନ୍ୟ ଜଣଙ୍କ ପାଇଁ ଜଣାଶୁଣା (ସେ ମଧ୍ୟ ନମୂନାରେ ରହିଛନ୍ତି) ଜଣେ ବ୍ୟକ୍ତିଙ୍କର ଏକା ଭଳି ହେବାର ଖୁବ୍ ବେଶି ସମ୍ଭାବନା ରହିଛି। ଯଦି ଦୁହିଁଙ୍କ ମଧ୍ୟରେ ବୃହତ୍ ବିଭେଦ ରହିଛି ଯେଉଁମାନେ ଅନ୍ୟମାନଙ୍କ ମଧ୍ୟରେ ଖୁବ୍ ଜଣାଶୁଣା ଏବଂ ଯେଉଁମାନେ ଜଣାଶୁଣା ନୁହନ୍ତି, ତେବେ ସ୍ନୋବଲ୍ ନମୁନା ସଂଗ୍ରହରେ ଗୁରୁତର ସମସ୍ୟା ହୋଇପାରେ।

**ଙ) ସ୍ୱେଚ୍ଛାକୃତ ନମୁନା ସଂଗ୍ରହ**

ଏହି ପଦ୍ଧତିରେ ଉତ୍ତରଦାତା ସ୍ୱେଚ୍ଛାକୃତ ଭାବେ ନିଜ ପାଖରେ ଥିବା ସୂଚନା ପ୍ରଦାନ କରନ୍ତି।

## ୨.୪: ଜନଗଣନା ଏବଂ ନମୁନା ସଂଗ୍ରହ ମଧ୍ୟରେ ପ୍ରଭେଦ

ଜନଗଣନା ଏବଂ ନମୁନା ସଂଗ୍ରହ ମଧ୍ୟରେ ପ୍ରାଥମିକ ପ୍ରବେଦ ଗୁଡ଼ିକ ନିମ୍ନରେ ଆଲୋଚିତ:

୧. ଜନଗଣନା ଏକ ବ୍ୟବସ୍ଥିତ ପଦ୍ଧତି ଯାହା ଜନସଂଖ୍ୟାର ସଦସ୍ୟମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଏବଂ ଅଭିଲିଖିତ କରିଥାଏ। ନମୁନା ସଂଗ୍ରହକୁ ସମ୍ପୂର୍ଣ୍ଣ ଗୋଷ୍ଠୀକୁ ଏହାର ସମସ୍ତ ବୈଶିଷ୍ଟ୍ୟ ସମେତ ପ୍ରତିନିଧିତ୍ୱ କରିବା ନିମନ୍ତେ ଚୟନିତ ଜନସଂଖ୍ୟାର ଉପସେଟ୍ ଭାବେ ପରିଭାଷିତ କରାଯାଇଛି।

୨. ଅନ୍ୟ ପ୍ରକାରେ ଜନଗଣନା ଏକ ସମ୍ପୂର୍ଣ୍ଣ ଗଣନା ସର୍ବେକ୍ଷଣ ପଦ୍ଧତି ଭାବେ ଜଣାଶୁଣା। ଏହାର ବିପରୀତରେ, ନମୁନା ସଂଗ୍ରହ ମଧ୍ୟ ଆଂଶିକ ଗଣନା ସର୍ବେକ୍ଷଣ ପଦ୍ଧତି ଭାବେ ଜଣାଶୁଣା।

୩. ଜନଗଣନାରେ, ଜନସଂଖ୍ୟାର ପ୍ରତିଟି ଏକକର ଅନୁସନ୍ଧାନ ହୋଇଥାଏ । ଅପରପକ୍ଷେ ଅନୁସନ୍ଧାନ ପାଇଁ ଜନସଂଖ୍ୟାରୁ କେବଳ ମୁଷ୍ଟିମେୟ ବସ୍ତୁର ଚୟନ ହୋଇଥାଏ ।

୪. ଜନଗଣନା ଏକ ଅତ୍ୟନ୍ତ ସମୟସାପେକ୍ଷ ସର୍ବେକ୍ଷଣ ପଦ୍ଧତି, ଯେତେବେଳେ କି ନମୁନା ସଂଗ୍ରହ କ୍ଷେତ୍ରରେ ସର୍ବେକ୍ଷଣ ବେଶି ସମୟ ନିଏ ନାହିଁ ।

୫. ଜନଗଣନା ପଦ୍ଧତି ଅଧିକ ପୁଞ୍ଜି ନିବେଶ ଆବଶ୍ୟକ କରେ ଯେହେତୁ ଏଥିରେ ଗବେଷଣା ଏବଂ ଜନସଂଖ୍ୟାର ସମସ୍ତ ମୂଲ୍ୟଗୁଡ଼ିକର ସଂଗ୍ରହ ସମ୍ପୃକ୍ତ ହୋଇଥାଏ । ହେଲେ ନମୁନା ସଂଗ୍ରହ ତୁଳନାତ୍ମକଭାବେ ଶସ୍ତା ପଦ୍ଧତି ଅଟେ।

୬. ଜନଗଣନା ପଦ୍ଧତିରେ ପ୍ରାପ୍ତ ପରିଣାମ ଯଥାର୍ଥ ଏବଂ ନିର୍ଭରଯୋଗ୍ୟ ହୋଇଥିବାବେଳେ ନମୁନାରୁ ପ୍ରାପ୍ତ ପରିଣାମରେ ତ୍ରୁଟି ରହିବାର ସମ୍ଭାବନାମାନ ରହିଛି ।

୭. ନମୁନାର ଆକାର ନିଷ୍କର୍ଷରେ ତ୍ରୁଟି ସମ୍ଭାବନାକୁ ନିର୍ଣ୍ଣୟ କରିଥାଏ, ଯେମିତିକି ଜନସଂଖ୍ୟାର ବୃହତ୍ତର ଆକାରରେ କମ୍ ତ୍ରୁଟି ସମ୍ଭାବନା ଏବଂ କ୍ଷୁଦ୍ରତର ଆକାର କ୍ଷେତ୍ରରେ ଅଧିକ ତ୍ରୁଟି ସମ୍ଭାବନା ରହିଛି । ଏହା ଜନଗଣନାରେ ସମ୍ଭବ ନୁହେଁ ଯେହେତୁ ସମସ୍ତ ବସ୍ତୁଗୁଡ଼ିକୁ ବିଚାରକୁ ନିଆଯାଇଥାଏ।

୮. ସମଜାତୀୟ ପ୍ରକୃତିର ଜନସଂଖ୍ୟା ପାଇଁ ଜନଗଣନା ଶ୍ରେଷ୍ଠ। ନମୁନା ସଂଗ୍ରହର ବିପରୀତ ଭାବେ ଏହା ସମଜାତୀୟ ପ୍ରକୃତି ପାଇଁ ଉପଯୁକ୍ତ।

## ୨.୫: ଆସ ପ୍ରଗତି ମାପିବା

କ) ଜନଗଣନା କ'ଣ ?

-----------------------------------------------------------------------------------

-----------------------------------------------------------------------------------

-----------------------------------------------------------------------------------

------------------------------

ଖ) ଜନଗଣନାର ବିଭିନ୍ନ ଉଦ୍ଦେଶ୍ୟଗୁଡ଼ିକ କ'ଣ ?

-----------------------------------------------------------------------------------

-----------------------------------------------------------------------------------

-----------------------------------------------------------------------------------

------------------------------

ଗ) ନମୁନା ସଂଗ୍ରହ ଡିଜାଇନ୍ କ'ଣ ?

--------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------

ଘ) ଅସମ୍ଭବ ନମୁନା ସଂଗ୍ରହର ପାଞ୍ଚଟି ପ୍ରକାରର ତାଲିକା କରନ୍ତୁ ।

--------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------

ଙ) ଜନଗଣନା ଏବଂ ନମୁନା ସଂଗ୍ରହ ମଧ୍ୟରେ ପାର୍ଥକ୍ୟ କ'ଣ ?

--------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------------

## ୟୁନିଟ୍- ୩: ତଥ୍ୟ ମୂଲ୍ୟାଙ୍କନ କୌଶଳ

୩.୦: ବିଷୟର ଗଠନ

- ୩.୧: ପଠନର ଉଦ୍ଦେଶ୍ୟ
- ୩.୨: ତଥ୍ୟର ବର୍ଗୀକରଣ ଏବଂ ସାରଣୀକରଣ
- ୩.୩: ବର୍ଗୀକରଣର ବସ୍ତୁ
- ୩.୪: ବର୍ଗୀକରଣର ପ୍ରକାର
  - କ) କାଳଭିତ୍ତିକ ବର୍ଗୀକରଣ
  - ଖ) ଭୌଗଳିକ ବର୍ଗୀକରଣ
  - ଗ) ଗୁଣଭିତ୍ତିକ ବର୍ଗୀକରଣ
  - ଘ) ପରିମାଣ ଭିତ୍ତିକ ବର୍ଗୀକରଣ
- ୩.୫: ସାରଣୀକରଣ
  - କ) ସାରଣୀକରଣର ସୁବିଧା
  - ଖ) ସାରଣୀ ପ୍ରସ୍ତୁତି
  - ଗ) ଭଲ ସାରଣୀର ଆବଶ୍ୟକତା
- ୩.୬: ସାରଣୀର ପ୍ରକାର
  - କ) ସରଳ ବା ଏକ ପାଖିଆ ସାରଣୀ
  - ଖ) ଦୁଇ ପାଖିଆ ସାରଣୀ
  - ଗ) ବହୁଗୁଣିତ ସାରଣୀ
- ୩.୭: ରେଖାଚିତ୍ରଯୁକ୍ତ ଏବଂ ରୈଖିକ ଉପସ୍ଥାପନା
  - କ) ରେଖାଚିତ୍ର
  - ଖ) ରେଖାଚିତ୍ର ଏବଂ ଗ୍ରାଫ୍‌ର ମହତ୍ତ୍ୱ
  - ଗ) ରେଖାଚିତ୍ର କରିବା ପାଇଁ ସାଧାରଣ ନିୟମ
- ୩.୮: ରେଖାଚିତ୍ରର ପ୍ରକାର
  - କ) ଏକଆୟାମୀ ରେଖାଚିତ୍ର
  - ଖ) ଦ୍ୱିଆୟାମୀ ରେଖାଚିତ୍ର
  - ଗ) ତ୍ରିଆୟାମୀ ରେଖାଚିତ୍ର
  - ଘ) ପିକ୍ଟୋଗ୍ରାମ୍ ଏବଂ କାର୍ଟୋଗ୍ରାମ୍
- ୩.୯: ଗ୍ରାଫ୍
  - କ) ହିଷ୍ଟୋଗ୍ରାମ୍
  - ଖ) ଆବୃତ୍ତି ବହୁଭୂଜ
  - ଗ) ଆବୃତ୍ତି ବକ୍ର

୩.୧୦: ପରିକଳ୍ପନା ପରୀକ୍ଷଣ

କ) ପରିକଳ୍ପନା କ'ଣ

ଖ) ପରିକଳ୍ପନାର ବୈଶିଷ୍ଟ୍ୟ

ଗ) ପରିକଳ୍ପନା ପରୀକ୍ଷଣର ପଦ୍ଧତି

୩.୧୧: ତଥ୍ୟର ବ୍ୟାଖ୍ୟାନ

୩.୧୨: ତଥ୍ୟ ବ୍ୟାଖ୍ୟାନ ନିମନ୍ତେ ଆବଶ୍ୟକତା

୩.୧୩: ଆସ ପ୍ରଗତି ମାପିବା

## ୩.୧: ପଠନର ଉଦ୍ଦେଶ୍ୟ

ଏହି ପାଠ ଅଧ୍ୟୟନ ପରେ ଆପଣ

- ବସ୍ତୁ ଏବଂ ବର୍ଗୀକରଣର ପ୍ରକାର ବୁଝି ପାରିବେ
- ବିଭିନ୍ନ ପ୍ରକାର ସାରଣୀ ଚିହ୍ନି ପାରିବେ
- ରେଖାଚିତ୍ର ଭିତ୍ତିକ ଏବଂ ରୈଖିକ ଉପସ୍ଥାପନାଗୁଡ଼ିକୁ ବୁଝିପାରିବେ
- ସିଦ୍ଧାନ୍ତକୁ ପରିଭାଷିତ କରିପାରିବେ
- ତଥ୍ୟ ବ୍ୟାଖ୍ୟାନର ଆବଶ୍ୟକତାକୁ ହୃଦୟଙ୍ଗମ କରିପାରିବେ

ପ୍ରତ୍ୟେକ ବ୍ୟକ୍ତି ସୂଚନା ସଂଗ୍ରହ, ବ୍ୟାଖ୍ୟା ଏବଂ ବ୍ୟବହାର କରନ୍ତି, ତନ୍ମଧ୍ୟରୁ ଅଧିକାଂଶ ଦୈନନ୍ଦିନ ଜୀବନରେ ସାଂଖ୍ୟିକ ବା ପରିସଂଖ୍ୟାନ ଭାବରେ ଥାଆନ୍ତି। ଏହା ଏକ ସାଧାରଣ ଅଭ୍ୟାସ ଯେ ଆଲୋଚନା, ଟେଲିଭିଜନ୍, କମ୍ପ୍ୟୁଟର, ରେଡିଓ, ଖବରକାଗଜ, ପୋଷ୍ଟର, ବିଜ୍ଞପ୍ତି ଏବଂ ନିର୍ଦ୍ଦେଶ ଆଦି ଜରିଆରେ ଲୋକମାନେ ପ୍ରତିଦିନ ବୃହତ୍ ପରିମାଣରେ ସୂଚନା ପାଇଥାଆନ୍ତି। ଏତେ ପରିମାଣରେ ସୂଚନା ଉପଲବ୍ଧ ଥିବାରୁ ଲୋକେ ଏହାକୁ ଗ୍ରହଣ, ଚୟନ ଏବଂ ପ୍ରତ୍ୟାଖ୍ୟାନ କରିପାରୁଛନ୍ତି। ଦୈନନ୍ଦିନ ଜୀବନରେ ବ୍ୟବସାୟ ଏବଂ ଉଦ୍ୟୋଗରେ, କିଛି ପରିସଂଖ୍ୟାନମୂଳକ ସୂଚନା ଆବଶ୍ୟକ ଏବଂ ଏହା କେଉଁଠାରୁ ପ୍ରାପ୍ତ ହେବ ଏବଂ କିପରି ସଂଗ୍ରହ ହେବ ସେ ସମ୍ପର୍କରେ ଜାଣିବା ପାଇଁ ସେ ସ୍ୱାଧୀନ। ପରିଣାମ ସ୍ୱରୂପ ପ୍ରତ୍ୟେକଙ୍କୁ ଦ୍ରବ୍ୟ କ୍ରୟ କରିବାର ନିଷ୍ପତ୍ତି ଗ୍ରହଣ କରିବା ପୂର୍ବରୁ ତାହାର ମୂଲ୍ୟ ଏବଂ ମାନର ତୁଳନା କରିବାକୁ ହୁଏ। ଯେପରି କୌଣସି ସଂସ୍ଥାର କର୍ମଚାରୀ, ସେମାନଙ୍କର ବେତନ, କର୍ମ ସ୍ଥିତି, ପଦୋନ୍ନତି ସୁଯୋଗ ଇତ୍ୟାଦିର ତୁଳନା କରିଥାନ୍ତି । ସେତିକିବେଳେ ଅନୁଷ୍ଠାନ ଗୁଡ଼ିକ ତାଙ୍କ କ୍ଷେତ୍ରରେ ବ୍ୟୟ ନିୟନ୍ତ୍ରଣ ଓ ଲାଭ ବୃଦ୍ଧି ଇଚ୍ଛା କରନ୍ତି। ପରିସଂଖ୍ୟାନର ଏକ ପ୍ରମୁଖ କାର୍ଯ୍ୟକାରିତା ହେଉଛି ନିଷ୍ପତ୍ତି ନେବାରେ ସହାୟକ ସୂଚନା ପ୍ରଦାନ କରିବା। ପରିସଂଖ୍ୟାନ ବର୍ତ୍ତମାନର ବର୍ଣ୍ଣନା, ଅତୀତର ବିବରଣୀ ଏବଂ ଭବିଷ୍ୟତର ଆକଳନ ପ୍ରଦାନ କରି ସୂଚନା ଦେଇଥାଏ।

ପରସଂଖ୍ୟାନଗତ ସୂଚନା ସଂଗ୍ରହର କେତେକ ଉଦ୍ଦେଶ୍ୟ ନିମ୍ନରେ ପ୍ରଦତ୍ତ।

୧. ପ୍ରାଥମିକ ପରିସଂଖ୍ୟାନଗତ ସୂଚନା ସଂଗ୍ରହର ପଦ୍ଧତିର ବର୍ଣ୍ଣନା କରିବା

୨. ଏକ ସର୍ବେକ୍ଷଣ କରିବାରେ ସମ୍ପୃକ୍ତ ସ୍ଥିତିର ବିଚାର କରିବା

୩. ପର୍ଯ୍ୟବେକ୍ଷଣ ଏବଂ ବ୍ୟାଖ୍ୟାନରେ ସମ୍ପୃକ୍ତ ପ୍ରକ୍ରିୟାର ବିଶ୍ଳେଷଣ କରିବା
୪. ନମୁନା ସଂଗ୍ରହକୁ ପରିଭାଷିତ ଏବଂ ବର୍ଣ୍ଣନା କରିବା
